بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: ୦୨

ବାର୍ଷିକ ଦେୟ : 600/-

www.akhbarbadr.in

28 ଶାବାନ୍, 24 ରମଜାନ 1445 ହି.କ, 28-04 ତବଲିଗ୍, ଶାହାଦତ୍ 1403 ହି.ଶ,
28 MARCH- 04 April -2024 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

وَاِنۡ اَحَدٌ مِّنَ الۡمُشۡرِکِیۡنَ اسۡتَجَارَکَ فَاَجِرۡہُ حَتّٰی یَسۡمَعَ کَلٰمَ اللّٰہِ ثُمَّ اَبۡلِغۡہُ مَاۡمَنَہٗ ؕ ذٰلِکَ بِاَنَّہُمۡ قَوۡمٌ لَّا یَعۡلَمُوۡنَ

(ଅତ୍ ତୌବା-6)

ଅନୁବାଦ : ଏବଂ ଯଦି ମୁସରିକ-ମାନଙ୍କ ମଧ୍ୟରୁ କେହି ତୁମର ଶରଣ ଭିକ୍ଷା କରେ ତେବେ ସେ ଅଲ୍ଲାଃତା-ଲାଙ୍କ ବାଣୀ ଶୁଣିବା ପର୍ଯ୍ୟନ୍ତ ତାହାକୁ ଶରଣ ପ୍ରଦାନ କର ତା'ପରେ ତାହାକୁ ତାହାର ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଦିଅ । କାରଣ ସେମାନେ ଏପରି ଏକ ଅଜ୍ଞ ସଂପ୍ରଦାୟ ଯେଉଁମାନେ ବାସ୍ତବ-ତାକୁ ଜାଣନ୍ତି ନାହିଁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### (ଶ୍ରେଷ୍ଠ କର୍ମ)

**(2518)** ହ. ଅବୁ ଜର୍ ଗଫ୍ଫାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କୁ ପଚାରିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କେଉଁ କର୍ମ ସର୍ବଶ୍ରେଷ୍ଠ ଅଟେ। ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିବା ଏବଂ ତାହାଙ୍କ ମାର୍ଗରେ  ଜିହାଦ୍ କରିବା । ମୁଁ କହିଲି : ସ୍କନ୍ଧ (ବେକ) ମଧ୍ୟରୁ କେଉଁ ସ୍କନ୍ଧ ମୁକ୍ତ କରିବା ସର୍ବାଧିକ ଶ୍ରେୟସ୍କର ଅଟେ ? ଆପଣ ସ.ଅ କହିଲେ, ସେହି ସ୍କନ୍ଧ ସର୍ବାଧିକ ଶ୍ରେୟସ୍କର ଯେଉଁ ସ୍କନ୍ଧ ମୂଲ୍ୟ ସର୍ବାଧିକ ହୋଇଥିବ ଏବଂ ଯାହା ମାଲିକର ଅତି ପ୍ରିୟ ହୋଇଥିବ । ମୁଁ କହିଲି: ମୁଁ ଯଦି ଏହା କରି ନପାରେ ? ଆପଣ ସ.ଅ କହିଲେ: ତାହାହେଲେ କୌଣସି ବେକାରୀ ବ୍ୟକ୍ତିର ସାହାଯ୍ୟ କରି  ତା'କୁ  କର୍ମଣ୍ୟ ବା କର୍ମଠ ବ୍ୟକ୍ତିରେ ପରିଣତ କରୁ ଅବା ଅଣକୁଶଳୀ ବ୍ୟକ୍ତି ଯେକି ରୋଜାଗାର କରିପାରୁ ନାହିଁ ତେବେ ତାହା ପାଇଁ ରୋଜଗାର କରି ତା'ର ସାହାଯ୍ୟ କରିଦେଉ। ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ଯଦି ଏହା ବି ନକରିପାରେ ! ଆପଣ ସ.ଅ କହିଲେ: ତାହାହେଲେ ଲୋକମାନଙ୍କର କ୍ଷତି ଘଟାଇବାରୁ ନିବୃତ୍ତ ରହୁ । କାରଣ ଏହା (ଉପରୋକ୍ତ କାର୍ଯ୍ୟ) ତୁମ ପକ୍ଷେ ସଦକା (ଦାନ-ଦକ୍ଷିଣା) ହେବ ଯାହାକି ତୁମେ ନିଜ ଆତ୍ମା (ସ୍ୱାର୍ଥ) ପାଇଁ କରିବ ।

**(2528)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେହି ସନ୍ଦେହ ଉପରେ କିମ୍ବା ସେହି ସନ୍ଦେହର ପରିପ୍ରକାଶ କରିନେଇ ନାହିଁ ସେପର୍ଯ୍ୟନ୍ତ ଅଲ୍ଲାଃତାଲା ମୋ ପାଇଁ ମୋ ସଂପ୍ରଦାୟର ସେହି ସନ୍ଦେହଗୁଡ଼ିକ ଯାହାକି ହୃଦୟ ମଧ୍ୟରେ ଉତ୍ପନ୍ନ ହୋଇଥାଏ ତାହାକୁ ସ୍ୱୀକୃତ କରିଦେଇ ଅଛନ୍ତି । **(ସହିହୁଲ୍ ବୁଖାରୀ, ଭାଗ-4, କିତାବୁଲ୍ ଇତ୍‌କି, ପ୍ରକାଶନ ସ୍ଥାନ-2008 ମସିହା, କାଦିଆନ୍)**

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ

**ଉପଦେଶର ମର୍ଯ୍ୟାଦା ଏକ ସର୍ବୋଚ୍ଚ ସ୍ତରୀୟ ମର୍ଯ୍ୟାଦା ଅଟେ ଏବଂ ତାହା ଅବତାରତ୍ୱର ମର୍ଯ୍ୟାଦା ନିଜ ମଧ୍ୟରେ ଅନ୍ତର୍ନିହିତ ରଖିଥାଏ । କିନ୍ତୁ ସର୍ତ୍ତ ଏହିକିଯେ, ଈଶ୍ୱରଙ୍କର ଭୟକୁ ବିନିଯୋଗ କରାଯାଉ ।**

---

**ଉପଦେଶକାରୀ ନିଜ ମଧ୍ୟରେ ଏକ ବିଶେଷ ପ୍ରକାରର ସଂଶୋଧନ କରିବାର ସୁଯୋଗ ପ୍ରାପ୍ତ କରି ନେଇଥାଏ । କାରଣ ଲୋକମାନଙ୍କ ସମ୍ମୁଖରେ ଏହା ଆବଶ୍ୟକ ହୋଇପଡ଼ିଥାଏ ଯେ, ଅନ୍ତତଃ ନିଜର ଚରିତ୍ର ତଥା ନିଜର କର୍ମ ମାଧ୍ୟମରେ ମଧ୍ୟ ସେ ସେହି କଥା କରି ଦେଖାଇ ଦେଉ ଯାହାକି ସେ କହିଥାଏ ।**

ଅଯୋଗ୍ୟ, ଅପବିତ୍ର ବ୍ୟକ୍ତିମାନେ ସତ୍ୟ ଓ ତତ୍ତ୍ୱମୂଳକ କଥାକୁ କର୍ଣ୍ଣପାତ କରିପାରିବେ ନାହିଁ । ଯେତେବେଳେ କୌଣସି ପରିଚୟ ସମ୍ବଳିତ ଏବଂ ତତ୍ତ୍ୱମୂଳକ ପ୍ରସଙ୍ଗ ସେମନାଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ ସେତେବେଳେ ସେମାନେ ଏଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ବରଂ ବେପରୱା (ଅର୍ଥାତ୍ ଭ୍ରୁକ୍ଷେପ ନକରି) ହୋଇ ଏହାକୁ ପାସୋରି ଦିଅନ୍ତି । ତହିଁରେ ସନ୍ଦେହର କୌଣସି ଅବକାଶ ଆଦୌ ନାହିଁ ଯେ, ସେହି ଲୋକମାନେ ଯେଉଁମାନେ ସତ୍ୟ କୁହନ୍ତି, ସେମାନେ ସ୍ୱଳ୍ପ ସଂଖ୍ୟକ ଅଟନ୍ତି । ଅଲ୍ଲାଃତାଲାଙ୍କ ସକାଶେ କୌଣସି ବ୍ୟକ୍ତିକୁ ସତ କହୁଥିବା ବ୍ୟକ୍ତିଙ୍କର ସଂଖ୍ୟା ଖୁବ୍ କମ ଅଟେ । ପ୍ରାୟ ନ କହିଲେ ଚଳେ । ସେହି ବ୍ୟକ୍ତିମାନେ ସର୍ବସାଧାରଣରେ ଉପଦେଶ ଦିଅନ୍ତି କିନ୍ତୁ ସେମାନଙ୍କର ପ୍ରକୃତ ଅଭିପ୍ରାୟ ଏବଂ ମର୍ମ କେବଳ ଏହା ହୋଇଥାଏ ଯେ, ସେମାନେ ଲୋକମାନଙ୍କ ଠାରୁ କିଛି (ଅର୍ଥ) ହାସଲ କରିବେ ଏବଂ ସଂସାରିକ ଅର୍ଥ ଉପାର୍ଜନ କରନ୍ତୁ । ଯେତେବେଳେ ଏହି ସ୍ୱାର୍ଥ  ସେହି  ବ୍ୟକ୍ତିମାନଙ୍କ ସହିତ ମିଶିଯାଏ ସେତେବେଳେ ତାହା ସତ୍ୟତା, ଐଶ୍ୱରିକତାକୁ ନିଜ ମଧ୍ୟରେ ଥିବା ଅନ୍ଧକାରରେ ଗୋପନ (ଲୁଚାଇ) ନେଇଥାଏ ।  ସେହି ଆନନ୍ଦ ଏବଂ ପରିଚୟର ସୁଗନ୍ଧ ଯାହାକି ଈଶ୍ୱରଙ୍କ ବାଣୀକୁ ଶୁଣିବା ଦ୍ୱାରା ମନ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ ତାହା ଆତ୍ମାକୁ ସୁଗନ୍ଧିତ କରିଦେଇଥାଏ । ତାହା ଆତ୍ମସ୍ୱାର୍ଥ ଏବଂ ସାଂସାରିକତା  ଉପାସନାର ଦୁର୍ଗନ୍ଧରେ ଦବି ରହିଯାଇଥାଏ ଏବଂ ସେହି ଉପଦେଶାତ୍ମକ ସଭାରେ ଅନେକ ଲୋକମାନେ କହି ଉଠନ୍ତି । ମିଆଁ ! ଉକ୍ତ ସମସ୍ତ କଥନ ଟୁକୁଡ଼ା (ଅନ୍ନ ଓ ଅର୍ଥ) ଉପାର୍ଜନମୂଳକ ପ୍ରସଙ୍ଗ ଅଟେ ।

ତହିଁରେ କୌଣସି ସଂଶୟ ନାହିଁ ଯେ, ଅନେକ ଲୋକମାନେ ସତ୍‌କର୍ମ ସମ୍ପାଦନ କରିବା ଏବଂ ଅସତ୍‌କର୍ମରୁ ନିବୃତ୍ତ ରହିବାର ଉପାର୍ଜନର ମାଧ୍ୟମ ବୋଲି ବିବେଚିତ କରି ନେଇଛନ୍ତି । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଏପରି ନୁହନ୍ତି । ଏପରି ପବିତ୍ର ହୃଦୟର ଅଧିକାରୀ ଥିବା ବ୍ୟକ୍ତିମାନେ ମଧ୍ୟ ରିହଛନ୍ତି ଯେଉଁମାନେ କେବଳ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ କଥା ଏଇଥିପାଇଁ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇଥାଆନ୍ତି ଯେ, ସେମାନେ ସତ୍‌କର୍ମ ସମ୍ପାଦନ କରିବା ପ୍ରତି ଏବଂ ଅସତ୍

କର୍ମରୁ ନିବୃତ୍ତ ରହିବା ନିମନ୍ତେ ନିୟୋଜିତ ହୋଇଛନ୍ତି । ସେମାନେ ଉକ୍ତ କାର୍ଯ୍ୟକୁ ଅନିର୍ବାର୍ଯ୍ୟ ବୋଲି ମନେ କରନ୍ତି ଏବଂ ସେମାନେ ଚାହାନ୍ତି ଯେ, ଏହିପରି କରିବା ଦ୍ୱାରା ସେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବେ । ଉପଦେଶର ମର୍ଯ୍ୟାଦା ଏକ ସର୍ବୋଚ୍ଚ ସ୍ତରୀୟ ମର୍ଯ୍ୟାଦା ଅଟେ ଏବଂ ଅବତାରତ୍ୱର ମର୍ଯ୍ୟାଦା ନିଜ ମଧ୍ୟରେ ଅନ୍ତର୍ନିହିତ ରଖିଥାଏ । କିନ୍ତୁ ସର୍ତ୍ତ ଏହିକିଯେ, ଈଶ୍ୱରଙ୍କର ଭୟକୁ ବିନିଯୋଗ କରାଯାଉ । ଉପଦେଶକାରୀ ନିଜ ମଧ୍ୟରେ ଏକ ବିଶେଷ ପ୍ରକାରର ସଂଶୋଧନ, ସଂସ୍କାର କରିବାର ସୁଯୋଗ ପ୍ରାପ୍ତ କରି ନେଇଥାଏ । କାରଣ ଲୋକମାନଙ୍କ ସମ୍ମୁଖରେ ଏହା ଆବଶ୍ୟକ ହୋଇପଡ଼ିଥାଏ ଯେ, ଉପଦେଶକାରୀ ଅନ୍ତତଃ ନିଜର ଚରିତ୍ର ତଥା ନିଜର କର୍ମରୁ ଏବଂ କର୍ମ ମାଧ୍ୟମରେ ମଧ୍ୟ ସେହି କଥା କରି ଦେଖାଇ ଦେଉ ଯାହା ସେ କହିଥାଏ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-505, ପ୍ରକାଶନ ବର୍ଷ-2018 ମସିହା, କାଦିଆନ୍)**

**ଆରବୀ ଭାଷା ଦୃଷ୍ଟିରୁ ସଇତାନର ଅର୍ଥ ସତ୍ୟ ଠାରୁ ଦୂରେଇ ଦେଉଥିବା ଅସ୍ତିତ୍ୱକୁ ବୁଝାଇଥାଏ କିମ୍ବା ପାପରେ ଉନ୍ନତି କରିବାରୁ ବୁଝାଏ । ସେହିପରି ଇବ୍‌ଲିସ୍ ଏପରି ଅସ୍ତିତ୍ୱକୁ ବୁଝାଏ ଯେକି ନିରାଶ ଏବଂ ହତୋତ୍ସାହିତ ହୋଇଯାଇଥାଏ ।**

**ମୋର ଗବେଷଣା ଅନୁଯାୟୀ ସଇତାନ ଏବଂ ଇବ୍‌ଲିସ୍ ଗୋଟିଏ ଅସ୍ତିତ୍ୱର ନାମ ଅଟେ । ଅଲ୍ଲାଃତାଲା ମନୁଷ୍ୟମାନଙ୍କୁ ପରୀକ୍ଷା କରିବା ନିମନ୍ତେ ଇବ୍‌ଲିସ୍ ଏବଂ ସଇତାନକୁ ଦେବଦୂତ ବିପକ୍ଷରେ ସୃଷ୍ଟି କରିଛନ୍ତି ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜ୍‌ର ଆୟତ୍ ନଂ 4 ଓ 5 وَمِنَ النَّاسِ مَنۡ یُّجَادِلُ فِی اللّٰہِ بِغَیۡرِ عِلۡمٍ وَّیَتَّبِعُ کُلَّ شَیۡطٰنٍ مَّرِیۡدٍ کُتِبَ عَلَیۡہِ اَنَّہٗ مَنۡ تَوَلَّاہُ فَاَنَّہٗ یُضِلُّہٗ وَیَہۡدِیۡہِ اِلٰی عَذَابِ السَّعِیۡرِ ର ବ୍ୟାଖ୍ୟା କରି କୁହନ୍ତି: "ଜ୍ୱଳନ୍ତ ତଥା ପ୍ରମାଣ ବିନା କୌଣସି ପ୍ରସଙ୍ଗରେ କଳହ କରିବା ଅନୁଚିତ ଅଟେ । ପୁନଶ୍ଚ ଏହା କେଡ଼େ ଅତ୍ୟାଚାର ଯେ, ଲୋକମାନଙ୍କ ମଧ୍ୟରେ ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ସମ୍ବନ୍ଧରେ କିଛି ନଜାଣି ମଧ୍ୟ ତର୍କ କରନ୍ତି ଏବଂ ପ୍ରତ୍ୟେକ ପଥଭ୍ରଷ୍ଟ ଓ ଦୁରାଚାରୀର ଅନୁସରଣ କରନ୍ତି । ଅଥଚ ସେହି ପଥଭ୍ରଷ୍ଟ ଓ ଦୁରାଚାରୀମାନଙ୍କ ସମ୍ବନ୍ଧରେ ଏହି ନିଷ୍ପତ୍ତି ହୋଇଅଛି ଯେ, ଯେଉଁ ବ୍ୟକ୍ତି ଏହିପରି ଲୋକମାନଙ୍କ ମଧ୍ୟରୁ କାହାରି ସହିତ ବନ୍ଧୁତ୍ୱତା ସ୍ଥାପନ କରିବ ତେବେ ସେ ପଥଭ୍ରଷ୍ଟ ଓ ଦୁରାଚାରୀ ତାହାକୁ ମଧ୍ୟ ପଥଭ୍ରଷ୍ଟ କରାଇବ ଏବଂ ତାହାକୁ ନର୍କର ଶାସ୍ତି ଆଡ଼କୁ ଘେନିଯିବ ।

ଉପରୋକ୍ତ ଆୟତରୁ ଏହା ପ୍ରତିଭାତ ହୁଏ ଯେ, ଯେତେବେଳେ କୌଣସି ବ୍ୟକ୍ତି ବାରମ୍ବାର ସଇତାନ୍ (ବ୍ୟକ୍ତି)ର କଥା ମାନିବାକୁ ଲାଗିପଡ଼େ ତେବେ ସେହି ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଗଢି ଉଠିଥାଏ। ଏହି ସଂପର୍କ ପରିଶେଷରେ ତା'କୁ ନର୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ଅନ୍ୟ ଏକ ସ୍ଥାନରେ ମଧ୍ୟ ଅଲ୍ଲାଃତାଲା କୁହନ୍ତି: وَمَنۡ یَّکُنِ الشَّیۡطٰنُ لَہٗ قَرِیۡنًا فَسَآءَ قَرِیۡنًا (ଅନ୍ ନିସା: 39) ଅର୍ଥାତ୍ ସଇତାନ୍ ଯାହାର ସାଥୀ ତାହାକୁ ମନେ ରଖିବା ଉଚିତ୍ ଯେ, ସେ (ସଇତାନ୍) ଅତ୍ୟନ୍ତ ଖରାପ ସାଥୀ । ସୁତରାଂ ସେହି ଅବସ୍ଥା ଏବଂ ସେହି ପରିସ୍ଥିତିରେ ମନୁଷ୍ୟ ନିଜର ଆତ୍ମ ସଂଶୋଧନ କରିବା ପ୍ରତି ଧ୍ୟାନ ନଦିଏ ତେବେ ପାପରେ ଅଗ୍ରସର ହୋଇ ପରିଶେଷରେ ବ୍ୟକ୍ତି ସେହି ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ ଯେ, ସଇତାନ୍ କେବଳ ସେହି ବ୍ୟକ୍ତିର ସାଥୀ ହୋଇ ରହି ନଥାଏ ବରଂ ଅଧିପତି ହୋଇଯାଇଥାଏ । ବ୍ୟକ୍ତି ସଇତାନର ଦାସତ୍ୱର ବେଢୀରେ କବଳିତ ହୋଇଯାଇଥାଏ। ଅର୍ଥାତ୍ ବିଶ୍ୱାସକାରୀମାନେ ତ' ସତ୍‌ମାର୍ଗରେ ଅଗ୍ରସର ହୋଇ ଥାଆନ୍ତି । କିନ୍ତୁ ଏହି ବ୍ୟକ୍ତି ଏତେ ତଳକୁ ଖସି ଯାଇଥାଏ ଯେ, ସଇତାନ୍ ତା'ର ପିଠି ଉପରେ ଆରୋହଣ ହୋଇଯାଇଥାଏ । ସଇତାନ୍ ଯେଉଁଆଡ଼େ ଚାହିଁଥାଏ ତା'କୁ ହୁଡ଼ାଇ (ହୁଡ଼ରେଇ) ନେଇଯାଇଥାଏ। ସେହିଭଳି ଲୋକମାନଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମ୍ କୁହେ: ଏହା ତିରସ୍କାରଜନକ ପ୍ରସଙ୍ଗ ଯେ, ସେହି ବ୍ୟକ୍ତି ଯାହାକୁ ପ୍ରଭୁ ଭକ୍ତ ହେବା ନିମନ୍ତେ ସୃଷ୍ଟି କରିଥିଲେ, ସେ ନିଜର ଦୁଷ୍କୃତ୍ୟ ଯୋଗୁଁ ସଇତାନର ଆଜ୍ଞାପାଳନ କରିବାକୁ ଲାଗିପଡ଼ିଥାଏ ।

ଏଠାରେ ଏହା ଆବଶ୍ୟକ ପ୍ରତିତ ହୁଏ ଯେ, ସଇତାନ୍ ସଂପର୍କରେ ମଧ୍ୟ କିଛି ଆଲୋକପାତ କରାଯାଉ । କାରଣ ସଇତାନ୍ କେଉଁ ପ୍ରକାରର ଅସ୍ତିତ୍ୱ ଅଟେ । ଆରବୀ ଭାଷା ଦୃଷ୍ଟିରୁ ସଇତାନର ଅର୍ଥ ସତ୍ୟ ଠାରୁ ଦୂରେଇ ଯାଉଥିବା ଅସ୍ତିତ୍ୱକୁ ବୁଝାଏ କିମ୍ବା ପାପରେ ଉନ୍ନତି ତଥା ଅଗ୍ରସର ହେବାକୁ ବୁଝାଏ । ସେହିପରି ଇବ୍‌ଲିସ୍ ଏପରି ଅସ୍ତିତ୍ୱକୁ କୁହାଯାଏ ଯିଏ ନିରାଶ ହୋଇଯାଇଥାଏ । ମୋର ଗବେଷଣା ଅନୁଯାୟୀ ଏବଂ ଇବ୍‌ଲିସ୍ ଏପରି ଏକ ଅସ୍ତିତ୍ୱର ନାମ ଅଟେ ଯାହାକୁ ଅଲ୍ଲାଃତାଲା ମନୁଷ୍ୟମାନଙ୍କୁ ପରୀକ୍ଷା କରିବା ନିମନ୍ତେ ଦେବଦୂତମାନଙ୍କ ବିପରୀତ ସୃଷ୍ଟି କରିଛନ୍ତି । ସେହି ସଇତାନ ଯେତେବେଳ ପର୍ଯ୍ୟନ୍ତ ନିଜର କାର୍ଯ୍ୟ ସମାପ୍ତ କରିଦେଇ ନାହିଁ ସେପର୍ଯ୍ୟନ୍ତ ତା'ର ମୃତ୍ୟୁ ଘଟିବ ନାହିଁ । ଯେପର୍ଯ୍ୟନ୍ତ ଦେବଦୂତମାନେ ନିଜ ନିଜର କାର୍ଯ୍ୟ ସମ୍ପାଦନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ମଧ୍ୟ ମୃତ୍ୟୁ ବରଣ କରିବେ ନାହିଁ ।

ହ. ଆଦମ୍ ଅ.ସଙ୍କ ବିପକ୍ଷରେ ଯେଉଁ ଅସ୍ତିତ୍ୱ ଛିଡ଼ା ହୋଇଥିଲା ସେ ସଇତାନ୍ ଥିଲା ଏବଂ ତା'ର ପ୍ରତିବିମ୍ବମାନେ (ଶିଷ୍ୟ) ମଧ୍ୟ ଥିଲେ । କିନ୍ତୁ ହ. ଆଦମ୍ ଅ.ସଙ୍କ ସଂକ୍ରାନ୍ତରେ ଯେଉଁ ବିବରଣୀ ବର୍ଣ୍ଣନା କରାଯାଇଛି ତାହାରା ଦୁଇଟି ପକ୍ଷ ରହିଛି। ପ୍ରଥମତଃ-ପାପ କାର୍ଯ୍ୟ କରିବା ପ୍ରତି ସଇତାନ୍ ବ୍ୟକ୍ତିକୁ ଉତ୍ସାହିତ କରିଥାଏ ଏବଂ ଦ୍ୱିତୀୟତଃ-ସଇତାନର ପ୍ରତିବିମ୍ବ ଆଡ଼କୁ ଇଙ୍ଗିତ କରିଥାଏ । ସୁତରାଂ ହ. ଆଦମ୍ ଅ.ସଙ୍କ ସମୟର ସଇତାନ୍ ଜୀବିତ ମଧ୍ୟ ଅଟେ ଏବଂ ମୃତ ମଧ୍ୟ ଅଟେ । ସେହି ସଇତାନ୍ ଜୀବିତ ଏହି ଅର୍ଥରେ ଯେ, ସେହି ସଇତାନ୍ ମନୁଷ୍ୟର ବଂଶଧରଙ୍କ ମଧ୍ୟରେ ପାପ କାର୍ଯ୍ୟ କରିବା ପ୍ରତି ଉତ୍ସାହିତ କରିଥାଏ ଏବଂ ସଂସାର ଥିବା ପର୍ଯ୍ୟନ୍ତ ସେହି ସଇତାନ୍ ବିଦ୍ୟମାନ ରହିବ । ସେହିପରି ସୈତାନ୍ ମୃତ ଏହି ଦୃଷ୍ଟିରୁ ଯେ, ସଇତାନର ସେହି ପ୍ରତିବିମ୍ବ ଅର୍ଥାତ୍ ଶିଷ୍ୟମାନଙ୍କର ଚର୍ଚ୍ଚା ହ. ଆଦମ୍ ଅ.ସଙ୍କ ସହିତ ଚର୍ଚ୍ଚା କରାଯାଇଛି ସେମାନେ ସେହି କାଳରେ ହିଁ ମୃତ୍ୟୁବରଣ କରିସାରିଛନ୍ତି । ସେହି ସଇତାନ୍ ଯେକି ପାପ କରିବାକୁ ପ୍ରବର୍ତ୍ତାଇଥାଏ ତତ୍‌ସଂପର୍କରେ ତ' କୌଣସି ପୁଣ୍ୟ ଏବଂ ଶାସ୍ତିର ପ୍ରଶ୍ନ ଉଠୁ ନାହିଁ । କାରଣ ଜଣେ ବ୍ୟକ୍ତିକୁ ହତ୍ୟା କରିଥିବା ହତ୍ୟାକାରୀକୁ ଫାଶୀ ଦଣ୍ଡ ମିଳିଥାଏ। କିନ୍ତୁ ବିଂଶାଧିକ ବ୍ୟକ୍ତିଙ୍କୁ ଜାଳି ପୋଡ଼ି ପାଉଁଶ କରିଦେଉଥିବା ଆକାଶୀୟ ବିଜୁଳୀ ତ' କୌଣସି ଶାସ୍ତିର ଅଧିକାରୀ ହୋଇ ନଥାଏ । ଭୂମିକମ୍ପର ପ୍ରକୋପ ସମଗ୍ର ଅଞ୍ଚଳକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇଥାଏ । କୁଆପଥରର ବୃଷ୍ଟି ଜମିଦାରମାନଙ୍କର ଫସଲ ନଷ୍ଟ କରିଦେଇଥାଏ । ଝଡ଼ ବତାସ ସହରକୁ ଜନଶୂନ୍ୟ ଏବଂ ଛାରଖାର (ଅର୍ଥାତ ବିଧ୍ୱଂସ) କରିଦେଇଥାଏ । ଏଗୁଡ଼ିକ ଦୁଃଖ ପ୍ରଦାନକାରୀ ବସ୍ତୁ ଅଟନ୍ତି । କିନ୍ତୁ ଏଗୁଡ଼ିକୁ କୌଣସି ଧର୍ମ ବୈଧାନିକ ଦୋଷ ଅଧୀନ ଆସନ୍ତି ନାହିଁ । ନିଃସନ୍ଦେହ ରୂପେ ଯେପରି ଦେବଦୂତମାନଙ୍କର ଠିକଣା ସ୍ୱର୍ଗପୁର ଅଟେ । ଠିକ୍ ସେହିପରି ସଇତାନ୍ ଓ ଇବ୍‌ଲିସର ଠିକଣା ନର୍କ ଅଟେ । ଯେପରି ଦେବଦୂତମାନେ ସ୍ୱର୍ଗରୁ ନା ଆନନ୍ଦିତ ହୋଇଥାଆନ୍ତି । ଠିକ୍ ସେହିପରି ସଇତାନ୍ ମଧ୍ୟ ନର୍କ ଯନ୍ତ୍ରଣା ଭୋଗିବ ନାହିଁ । ସଇତାନ୍ ଏକ ନର୍କ ସମ୍ବନ୍ଧୀୟ ଅସ୍ତିତ୍ୱ ଅଟେ । କ'ଣ ନିଆଁର ଅଙ୍ଗାର ଭାଟିରେ ଦୁଃଖ ପାଇ ପାରିବ କି ? ଅଙ୍ଗାରର ସ୍ଥାନ (ଠିକଣା) ଅଙ୍ଗାର ହିଁ ଅଟେ । ସୁତରାଂ ସଇତାନ୍ ନର୍କ ଗମନ କରିବାର ଏହି ଅର୍ଥ ନୁହେଁ ଯେ, ସଇତାନକୁ ଦଣ୍ଡ ବା ଶାସ୍ତି ପ୍ରଦାନ କରାଯିବ ତାହା ନୁହେଁ । ବରଂ ସେମାନେ ଯେଉଁ ସ୍ଥାନରେ ବସ୍ତୁ ଏବଂ ଅସ୍ତିତ୍ୱ ଅଟନ୍ତି ସେମାନେ ସେହି ସ୍ଥାନକୁ ହିଁ ଗମନ କରିବେ। ଦେବଦୂତମାନେ ଯଦି ସ୍ୱର୍ଗପୁରକୁ ଯିବେ ତେବେ ସେମାନେ କୌଣସି ପ୍ରତିବଦଳରେ ସ୍ୱର୍ଗକୁ ଯିବେ ନାହିଁ । ଠିକ୍ ସେହିପରି ସଇତାନ୍ ମଧ୍ୟ ନର୍କକୁ କୌଣସି ଶାସ୍ତି ଯୋଗୁଁ ଯିବ ନାହିଁ । ହଁ ସଇତାନ୍‌ର ଯେଉଁମାନେ ପ୍ରତିବିମ୍ବ ଅର୍ଥାତ ଶିଷ୍ୟ ଅଟନ୍ତି ସେମାନେ ନିଜ ନିଜର ସ୍ତର ଅନୁଯାୟୀ ଶାସ୍ତି ପାଇବେ । ଅତଏବ୍ ସେମାନେ ଏଭଳି କର୍ମ କରିବେ ଯେଉଁଥିପାଇଁ ସେମାନଙ୍କୁ ସୃଷ୍ଟି କରାଯାଇ ନାହିଁ । ସୁତରାଂ ଶାସ୍ତି ସର୍ବଦା ସେହି କାର୍ଯ୍ୟ ପାଇଁ ମିଳିଥାଏ ଯାହା ସ୍ୱଭାବର ନିୟମ ବିରୁଦ୍ଧୀୟ ହୋଇଥାଏ । ମନୁଷ୍ୟକୁ ପୁଣ୍ୟ କାର୍ଯ୍ୟ ସକାଶେ ସୃଷ୍ଟି କରାଯାଇଛି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: وَمَا خَلَقۡتُ الۡجِنَّ وَالۡاِنۡسَ اِلَّا لِیَعۡبُدُوۡنِ **(ଅଜ୍ ଜାରିୟାତ୍:56)** ଅର୍ଥାତ୍ ଆମ୍ଭେ ଜିନ୍ନ ଓ ଇନ୍‌ସ୍ (ମନୁଷ୍ୟମାନଙ୍କୁ) କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ । ଅତଏବ୍ ଯେଉଁ ବ୍ୟକ୍ତି ଉପାସନାକୁ ପରିତ୍ୟାଗ କରିଦିଏ ଏବଂ ଉପାସନାକୁ ପାସୋରି ବସେ ତେବେ ସେହି ବ୍ୟକ୍ତି ଶାସ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ । କିନ୍ତୁ ପାପ କର୍ମ କରିବା ପ୍ରତି ପ୍ରବର୍ତ୍ତାଇବା ବା ଉତ୍ସାହିତ କରିବା ଇତ୍ୟାଦି ପରୀକ୍ଷା ନିମନ୍ତେ ସୃଷ୍ଟି କରାଯାଇଛି। ବ୍ୟକ୍ତିକୁ ଶାସ୍ତି ତଥା ଦଣ୍ଡ ସେତେବେଳେ ମିଳିଥାଏ ଯେତେବେଳେ ସେ ପାପ ପ୍ରତି ଉତ୍ସାହିତ ହେବା ସମୟରେ ଅବହେଳା ପ୍ରଦର୍ଶନ କରିଥାଏ । ହଁ ଏହି ପ୍ରଶ୍ନପଚରା ଯାଇପାରିବ ଯେ, ବ୍ୟକ୍ତିକୁ ଖରାପ ବୋଲି କାହିଁକି କୁହାଯାଏ ? ସୁତରାଂ ଏହାର ଉତ୍ତର ଏହିକି ଯେ, କୌଣସି ବସ୍ତୁର ଖରାପ ହେବା ଏକ ପ୍ରସଙ୍ଗ ଅଟେ ଓ ଶାସ୍ତିଯୋଗ୍ୟ ହେବା ଅନ୍ୟ ଏକ ପ୍ରସଙ୍ଗ ଅଟେ। ଆମେ ବ୍ୟକ୍ତିର ମଳକୁ ଏଇଥିପାଇଁ ଫିଙ୍ଗି ଦେଇଥାଉ ଯେ, ତା'କୁ (ମଳକୁ) ଆମେ କେବଳ ଦଣ୍ଡ ଦେଇ ନଥାଉ ବରଂ ସେହି ମଳ ଯଦି ଗୃହରେ ରହେ ତାହାହେଲେ ତାହା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ସାବ୍ୟସ୍ତ ହୋଇଥାଏ । ଏହି ଅବସ୍ଥା ସଇତାନ **(ଅବଶିଷ୍ଟାଂଶ.............ପୃ-11ରେ)**

# (ଖୁତ୍‌ବା ଜୁମା)

**ହ. ମୁସଲେହ୍ ମଉଦ୍ ର.ଅଙ୍କ 52 ବର୍ଷୀୟ ଖିଲାଫତ୍ କାଳର ପ୍ରତ୍ୟେକ ଦିନ ଭବିଷ୍ୟବାଣୀ ପୂର୍ଣ୍ଣ ହେଉଥିବାର ଭବ୍ୟତା ସଂପର୍କରେ ଭାବାବେଗର ପରିପ୍ରକାଶ କରୁଥିଲା ।**

---

ଯେଉଁଠି ବି ମୁସଲିମ୍ ଜାତିର ଉନ୍ନତି ତଥା ବିକାଶର ପ୍ରସଙ୍ଗର ସମ୍ମୁଖୀନ ହେବାକୁ ପଡୁଥିଲା ଆପଣ ର.ଅଙ୍କ କରଣୀୟ ଯୋଗ୍ୟ ପ୍ରସ୍ତାବ ଆମର ଉତ୍ସାହକୁ ବୃଦ୍ଧି କରିବାର କାରଣ ହେଉଥିଲା, ଏହିପରି ଅବସରରେ ଆପଣ ର.ଅଙ୍କର ନିରନ୍ତରଜନିତ ବ୍ୟାପାର ତଥା ପ୍ରଚେଷ୍ଟା ଜାତୀୟ ବେଦନା ପ୍ରତି ବ୍ୟାକୁଳିତ ହୋଇ ଉଠୁଥିଲା, ଗୋଷ୍ଠୀବାଦର ବିଦ୍ୱେଷ ସେହି ଅସ୍ତିତ୍ୱଙ୍କ ମଧ୍ୟରେ ଆପଣ ର.ଅଙ୍କ ନାମକୁ ଦର୍ଶନ କଲେ ନାହିଁ ଯେ, ମିର୍ଜା ସାହେବ ଅସାଧାରଣ ପ୍ରଖର ବୁଦ୍ଧିର ଅଧିକାରୀ ଥିଲେ....... ଦୁଃଖ, ନୈରାଶ୍ୟତାର ଛବି ହୋଇଥିବା ବ୍ୟକ୍ତିମାନଙ୍କୁ ସାକ୍ଷାତ୍ କରିବାକୁ ଯାଉଥିଲେ ଏବଂ ଯେତେବେଳେ ବାହାରକୁ ଆସୁଥିଲେ ସେତେବେଳେ ଏପରି ପ୍ରତିତ ହେଉଥିଲା ଯେପରିକି ନୈରାଶ୍ୟର ବାଦଲ ଅଦୃଶ୍ୟ ଏବଂ ଉଭେଇ ଯାଇଛି, ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ପରିଦୃଶ୍ୟମାନ ହେଉଅଛି, ବଳିଷ୍ଠ ପ୍ରମାଣ ଉପସ୍ଥାପିତ କରୁଥିଲେ, କାର୍ଯ୍ୟାନୁସରଣ ଯୋଗ୍ୟ କଥା କହୁଥିଲେ । କେବଳ ଏତିକିରେ ଆପଣ ଅଟକିଗଲେ ନାହିଁ, ପ୍ରତ୍ୟେକ ପ୍ରକାରର ବଳିଦାନ ଏବଂ ସହଯୋଗ ଉପସ୍ଥାପିତ ମଧ୍ୟ କରିଥିଲେ । ଫଳତଃ ଆମ ମଧ୍ୟରେ ଉତ୍ସାହ ଓ ସାହସିକତା ଜନିତ ଭାବାବେଗ ସୃଷ୍ଟି ହେଉଥିଲା । (ମୌଲାନା ଗୁଲାମ୍ ରସୁଲ୍ ମେହେର, ସମ୍ପାଦକ-ଇନକିଲାବ ପତ୍ରିକା)

---

ମୁଁ ଆଜି ପର୍ଯ୍ୟନ୍ତ ଏପରି ଯୌକ୍ତିକତାପୂର୍ଣ୍ଣ ବାର୍ତ୍ତାଳାପ ଏବଂ ଏପରି ପ୍ରମାଣଭିତ୍ତିକ ଭାଷଣ କୌଣସି ମୁସଲମାନ ତୁଣ୍ଡରୁ ଶୁଣି ନାହିଁ । ଏହା ପ୍ରତିତ ହେଉଛି ଯେ, ତୁମମାନଙ୍କର ଖଲିଫା ବହୁତ ବଡ଼ ସ୍କଲାର (ବିଦ୍ୱାନ୍) ଅଟନ୍ତି ଏବଂ ବିଶ୍ୱରେ ଥିବା ସମସ୍ତ ଧର୍ମ ସଂକ୍ରାନ୍ତରେ ତୀକ୍ଷ୍ଣ ଦୃଷ୍ଟି ରଖନ୍ତି । (ଆମେରିକୀୟ ପାଦ୍ରୀ)

---

ରାଜନୀତିରେ ନିଜର ଜମାଅତ୍‌କୁ ସାଧାରଣ ମୁସଲମାନମାନଙ୍କ କାନ୍ଧ ସହିତ କାନ୍ଧ ମିଶାଇ ଚାଲିବା ଆପଣ ଯେଉଁ ନୈତିକତା ଜନିତ କାର୍ଯ୍ୟାନୁସରଣର ପ୍ରାରମ୍ଭ କରି ତାହାକୁ (ଜମାଅତକୁ) ନିଜର ନେତୃତ୍ୱ ବଳରେ ସାଫଲ୍ୟମଣ୍ଡିତ କରିଛନ୍ତି, ସେ ମଧ୍ୟ ପ୍ରତ୍ୟେକ ନ୍ୟାୟପ୍ରିୟ ସ୍ୱଭାବର ଅଧିକାରୀ ମୁସଲମାନ ଏବଂ ସତ୍ୟ ସନ୍ଧିତ୍ସୁ, ସତ୍ୟକୁ ଚିହ୍ନୁଥିବା ବ୍ୟକ୍ତି ପ୍ରତି ଶ୍ରଦ୍ଧାଞ୍ଜଳୀ ଆଦାୟ କରି ଦମ୍ ନିଅନ୍ତି । (ସିୟାସତ୍ ସମ୍ବାଦପତ୍ର, ଲାହୋର)

---

ସେହି ସମୟଟି ଆଉ ବେଶୀ ଦୂର ନୁହେଁ ଯେତେବେଳେ ଇସ୍‌ଲାମ୍ ଧର୍ମକୁ ଶୃଙ୍ଖଳିତ, ପରିମାର୍ଜିତ ସଂପ୍ରଦାୟର ବ୍ୟବହାରିକ ଶୈଳୀ, ବିଶାଳ ସଭ୍ୟତା ଇସ୍‌ଲାମ୍ ଧର୍ମ ସକାଶେ ଏବଂ ସାଧାରଣତଃ ସେହି ବ୍ୟକ୍ତିଙ୍କ ସକାଶେ ଯେଉଁମାନେ ବିସମିଲ୍ଲାଃର ଗୁମ୍ବଜ ଉପରେ ବସି ଇସ୍‌ଲାମ୍ ଧର୍ମର ସେବା, ଉଚ୍ଚ ସ୍ୱର, ଆଭ୍ୟନ୍ତରୀଣ ରୂପେ ନୀକୃଷ୍ଟ ଦାବିର ଅଭିଳାଷୀ ଅଟନ୍ତି ସେମାନଙ୍କ ପାଇଁ ତାହା ମାର୍ଗର ମସାଲ ସାବ୍ୟସ୍ତ ହେବ ।" (ମୌଲାନା ମୁହମ୍ମଦ୍ ଅଲୀ ଜୌହର୍)

ମୋ ମତରେ ମିର୍ଜା ସାହେବଙ୍କ ପୃଥକ କମିଟିର ମୃତ୍ୟୁର ବିପରୀତ ଅଟେ, ସଂକ୍ଷେପରେ କହିବାକୁ ଗଲେ, ଆମର ମନୋନୀତର ଔଚିତ୍ୟତା ବର୍ତ୍ତମାନ ସଂସାରବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ହୋଇଯିବ । (ସୟେଦ୍ ହବିବ୍ ସାହେବ)

ଏହିପରି ଜ୍ଞାନଭିତ୍ତିକ ତଥା ତଥ୍ୟଭିତ୍ତିକ ଏବଂ ତତ୍ତ୍ୱସମ୍ବଳିତ ଭାଷଣ ଅନେକ କାଳ ପରେ ଲାହୋରରେ ଶୁଣିବାକୁ ମିଳିଛି । ବିଶେଷ କରି ମିର୍ଜା ସାହେବ ପବିତ୍ର କୁରଆନ୍ କରୀମ୍‌ର ଆୟତରୁ ଯାହା ପ୍ରମାଣିତ କରିଛନ୍ତି ତାହା ଅତ୍ୟନ୍ତ ସାଷ୍ଟୌବ ଅଟେ । ମୁଁ ନିଜର ଭାଷଣକୁ ଅଧିକ ସମୟ ପର୍ଯ୍ୟନ୍ତ ଜାରି ରଖି ପାରିବି ନାହିଁ। ମୋତେ ଉକ୍ତ ଭାଷଣରୁ ଯେଉଁ ଆନନ୍ଦ ତଥା ସନ୍ତୁଷ୍ଟି ପ୍ରାପ୍ତ ହୋଇଛି ତାହା ଯେପରି ଉଭେଇ ନଯାଉ । (ଡ଼ଃ. ମୁହମ୍ମଦ୍ ଇକ୍‌ବାଲ୍)

He has good mind and carefully thought out his constitutional scheme
(Edwin samuel montagu, secretary of state for india)

"ଅନେକ ବିଦ୍ୱାନ୍ ମନିଷୀମାନେ....... ଆପଣ ର.ଅଙ୍କୁ ଅତ୍ୟନ୍ତ ଗଭୀର ଅନୁସନ୍ଧିତ୍ସୁ ବିଦ୍ୱାନ୍ ଏବଂ ସକଳ ଧର୍ମ ଏବଂ ଇତିହାସବିତ୍ ଦର୍ଶନଶାସ୍ତ୍ରର ଗଭୀର ଅଧ୍ୟୟନକାରୀ, ଐଶୀ ଧର୍ମବିଧାନର ତତ୍ତ୍ୱ, ବ୍ରହ୍ମଜ୍ଞାନ ଏବଂ ଦର୍ଶନ ସହିତ ଅବହିତ ଥିବା ବ୍ୟକ୍ତିତ୍ୱ ରୂପେ ମନେ କରନ୍ତି ।" (ଅଖ୍‌ବାର ଅଲ୍ ଇମ୍ରାନ୍, ଦମିଶ୍କ୍)

**اَلْکُفْرُ مِلَّۃٌ وَّاحِدَۃٌ.....ଏପରି ଏକ ବିଷୟବସ୍ତୁ ଅଟେ ଯାହାକୁ ପ୍ରତ୍ୟେକ ଅହେମଦିଙ୍କୁ ମଧ୍ୟ ପାଠ କରିନେବା ଉଚିତ୍, ସେମାନଙ୍କର ଅନେକ ସାଧାରାଣ ଜ୍ଞାନରେ ଅଭିବୃଦ୍ଧି ଘଟିବ ।**

**ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅନେକ ପୁସ୍ତକ ଇଂରାଜୀ ଭାଷାରେ ପ୍ରକାଶିତ ହୋଇ ସାରିଛି, ଯେଉଁମାନେ ଉର୍ଦ୍ଦୁ ଭାଷା ଜାଣନ୍ତି ନାହିଁ ସେମାନେ ଏହି ଜ୍ଞାନଭିତ୍ତିକ ନିଧିରୁ ଉପକୃତ ହେବା ପାଇଁ ଉଦ୍ୟମ କରନ୍ତୁ ।**

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଭବିଷ୍ୟତବାଣୀର କେତେକ ପକ୍ଷର ହ. ମୁସଲେହ୍ ମଉଦ୍ ର.ଅଙ୍କ କଲ୍ୟାଣମୟ ଅସ୍ତିତ୍ୱରେ ପୂର୍ଣ୍ଣ ହେବା ଉପଲକ୍ଷେ ନ୍ୟାୟପ୍ରିୟ ଅଣଅହେମଦି ବ୍ୟକ୍ତିଙ୍କର ପ୍ରତିକ୍ରିୟା ।**

**ପାକିସ୍ତାନ, ୟମନ୍‌ର ଅହେମଦି ଓ ପାଲେଷ୍ଟାଇନ୍ ସେହିପରି ଘାନାର ଶତବାର୍ଷିକ ଜଲ୍‌ସା ସାଲାନାର ସଫଳ ଆୟୋଜନ ହେବା ନିମନ୍ତେ ଜମାଅତ୍‌ର ସଦସ୍ୟମାନଙ୍କୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଆହ୍ୱାନ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 23 Feb 2024 ମସିହା ଅନୁଯାୟୀ ୨୩ ଇହସାନ୍ /୧୪୦୩ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

---

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଜି ମୁଁ ପେଶ୍‌ଗୋଇ ମୁସଲେହ୍ ମଉଦ୍ ର.ଅଙ୍କ କେତେକ ପକ୍ଷ ସଂପର୍କରେ ଚର୍ଚ୍ଚା କରିବି । ଯେପରିକି ପ୍ରତ୍ୟେକ ଅହେମଦି ଏକଥା ଜାଣେ ଏବଂ ପ୍ରତ୍ୟେକ ବର୍ଷ ଉକ୍ତ ପେଶ୍‌ଗୋଇ (ଭବିଷ୍ୟବାଣୀ) ସଂପୂର୍ଣ୍ଣ ହେବା ଅବସରରେ ଜଲ୍‌ସାମାନ ଆୟୋଜନ କରାଯାଇଥାଏ । ଉକ୍ତ ଭବିଷ୍ୟବାଣୀଟି ହେଉଛି 20 ଫେବୃୟାରୀ 1886 ମସିହାର ଭବିଷ୍ୟବାଣୀ ଯହିଁରେ ହ. ମସିହ୍ ମୁଉଦ୍ ଅ.ସଙ୍କୁ ବିଭିନ୍ନ ବିଶିଷ୍ଟ ଗୁଣାବଳୀ ସମ୍ପନ୍ନ ଏକ ପୁତ୍ର ସନ୍ତାନ ପ୍ରାପ୍ତି ହେବାର ସମ୍ବାଦ ପ୍ରଦାନ କରାଯାଇଥିଲା। କିନ୍ତୁ ତତ୍‌ସମ୍ବନ୍ଧରେ ମୁଁ ନିଜର ବକ୍ତବ୍ୟ ରଖିବା ପୂର୍ବରୁ ସର୍ବପ୍ରଥମେ ଛୋଟ ପିଲାମାନଙ୍କୁ

ଏବଂ କେତେକ ଯୁବକମାନଙ୍କୁ ମଧ୍ୟ ଉକ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରିଦେବାକୁ ଚାହେଁ, ପୂର୍ବେ ଅନେକ ଥର ଉକ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରି ସାରିଛି। ପ୍ରଶ୍ନଟି ଏହିକି ଯେ, ଆମେମାନେ ଯେତେବେଳେ ନିଜର ଜନ୍ମ ଦିନ ପାଳନ କରୁ ନାହୁଁ ତାହାହେଲେ ହ. ମୁସଲେହ୍ ମଉଦ୍ ର.ଅଙ୍କ ଦିବସ କାହିଁକି ପାଳନ କରୁ ?

ତତ୍‌ସମ୍ବନ୍ଧରେ ଏହା ସ୍ପଷ୍ଟ ହେଉ କି, ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ର.ଅଙ୍କ ଜନ୍ମ ଦିବସ ପାଳନ କରାଯାଏ ନାହିଁ ବରଂ ପେଶ୍‌ଗୋଇ (ଭବିଷ୍ୟବାଣୀ) ପୂର୍ଣ୍ଣ ହେବା ଉପଲକ୍ଷେ ଉକ୍ତ ଦିବସଟି ଜଲସା ଆକାରରେ ପାଳନ କରାଯାଏ । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଜନ୍ମ ତାରିଖ ତ' 12 ଜାନୁୟାରୀ 1889 ଅଟେ। ଅନ୍ୟ ଯେଉଁ ଘର ରହିଛି ଏବଂ ସେମାନଙ୍କ ଘରେ ଉକ୍ତ ଦିବସ ସଂପର୍କରେ ଚର୍ଚ୍ଚା ହେଉ ନାହିଁ ସେଠାରେ ସ୍ୱୟଂ ଅଭିଭାବକମାନଙ୍କୁ ପାଠ କରି ନିଜର ସନ୍ତାନମାନଙ୍କୁ କହିବା ମଧ୍ୟ ଉଚିତ୍ ଏବଂ ବୁଝାଇବା ମଧ୍ୟ ଉଚିତ୍ ଯେ, ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ କ'ଣ ? ଏହା ଏକ ମହାନ ଭବିଷ୍ୟବାଣୀ ଅଟେ ଯାହାକି ପୂର୍ବ ନିର୍ଦ୍ଦେଶନ ଅନୁଯାୟୀ ଯାହା ସଂପର୍କରେ ପୂର୍ବ ଅବତାରମାନେ ସୂଚନା ପ୍ରଦାନ କରିଥିଲେ। ପୁନଶ୍ଚ ଆଁହଜରତ ସ.ଅଙ୍କ ଆଦେଶାବଳୀ ସମ୍ବଳିତ ଭବିଷ୍ୟବାଣୀ ଅନୁଯାୟୀ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ଏହାର ଘୋଷଣା କରିବା ପାଇଁ କହିଥିଲେ।

ଉକ୍ତ ଭବିଷ୍ୟତବାଣୀ ଦୀର୍ଘ ଭବିଷ୍ୟବାଣୀ ସମ୍ବଳିତ ଅଟେ । ଏହାର ପ୍ରାରମ୍ଭିକ ଭାଗ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ଆପଣ ଅ.ସ କୁହନ୍ତି: "ଐଶ୍ୱର୍ଯ୍ୟମୟ ସର୍ବଶକ୍ତିମାନ, ଅଶେଷ ଦୟାବାନ ଓ ସଦା କରୁଣାମୟ ଅଲ୍ଲାଃତାଲାଙ୍କ ଐଶୀବାଣୀ ଅନୁଯାୟୀ ଅଲ୍ଲାଃତାଲା ମୋତେ ସମ୍ବୋଧନ କରି କହିଲେ, ତୁମ୍ଭେ ଆମ୍ଭକୁ ଯାହା ଭିକ୍ଷା କଲ ଆମ୍ଭେ ତୁମ୍ଭକୁ ତଦନୁଯାୟୀ ଏକ ଦୟା ତଥା କରୁଣାମୂଳକ ନିର୍ଦ୍ଦଶନ ପ୍ରଦାନ କରୁଛୁ । ଅତଃ ଆମ୍ଭେ ତୁମ୍ଭର ବିନୀତତାକୁ ଶୁଣିଲୁ (ଅର୍ଥାତ୍ ପ୍ରାର୍ଥନା ସ୍ୱୀକାର କଲୁ) ଏବଂ ତୁମ୍ଭର ପ୍ରାର୍ଥନାକୁ ନିଜର ଅପାର ଏବଂ ଅସୀମ କୃପା ବଳରେ ସ୍ୱୀକୃତି ପ୍ରଦାନ କଲୁ, ତୁମ୍ଭର ଯାତ୍ରା (ଯାହା ହୋଶିୟାରପୁର ଏବଂ ଲୁଧିୟାନାର ଯାତ୍ରା) ତୁମ୍ଭ ପାଇଁ କଲ୍ୟାଣମୟ କରିଦେଲୁ । ଅତଃ ତୁମ୍ଭକୁ ଅପୂର୍ବ ସାମର୍ଥ୍ୟତା, ଦୟା, କୃପା ଏବଂ ସାମୀପ୍ୟତା ନିଜର୍ଶନ ପ୍ରଦାନ କରାଯାଉଛି । କୃପା ଏବଂ ଉପକାରର ନିଦର୍ଶନ ତୁମ୍ଭକୁ ପ୍ରଦାନ କରାଯାଉଛି । ବିଜୟ ଏବଂ ସଫଳତାର କୁଞ୍ଜିକା ତୁମ୍ଭକୁ ପ୍ରାପ୍ତ ହେବ (ଦିଆଯାଉଛି) । ହେ ବିଜୟୀ ! ତୁମ୍ଭ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ। ପ୍ରଭୁ ଏହା ଏଇଥିପାଇଁ କହିଲେ ଯେ, ଯେଉଁମାନେ ଜୀବନ ପ୍ରାପ୍ତ କରିବାକୁ ଅଭିଳାଷୀ ସେମାନେ ମୃତ୍ୟୁର କବଳରୁ ମୁକ୍ତି ପାଆନ୍ତୁ ଏବଂ ଯେଉଁମାନେ କବର ମଧ୍ୟରେ ପୋତି ହୋଇଯାଇଛନ୍ତି ସେମାନେ ବାହାରକୁ ଆସନ୍ତୁ । କାରଣ ଇସଲାମ୍ ଧର୍ମର ଗୌରବ ଏବଂ ଅଲ୍ଲାଃତାଲାଙ୍କ ବାଣୀର ମର୍ଯ୍ୟାଦା ଲୋକମାନଙ୍କ ନିକଟରେ ପରିପ୍ରକାଶିତ ହୋଇଯାଉ । କାରଣ ସତ୍ୟ ନିଜର କଲ୍ୟାଣ ସହିତ ଆସୁ ଏବଂ ଅସତ୍ୟ ନିଜର ସମସ୍ତ ଅଶୁଭ ଏବଂ ଅମଙ୍ଗଳତା ସହିତ ପଳାୟନ କରୁ । ଲୋକମାନେ ବୁଝିନିଅନ୍ତୁ ଯେ, ମୁଁ (ଅଲ୍ଲାଃତାଲା) ସର୍ବଶକ୍ତିମାନ ଅଟେ ।" (ଅର୍ଥାତ୍ ଅଲ୍ଲାଃତାଲା କୁହନ୍ତି ଯେ, ମୁଁ ସର୍ବଶକ୍ତିମାନ ଅଟେ) । ମୁଁ ଯାହା ଚାହିଁବି ତାହା କରିପାରିବି । କାରଣ ଲୋକମାନେ ବିଶ୍ୱାସ ଆଣନ୍ତୁ ଯେ, ଆମ୍ଭେ ତୁମ୍ଭ ସହିତ ଅଛୁ। ଯେଉଁମାନେ ପ୍ରଭୁଙ୍କ ଉପରେ ବିଶ୍ୱାସ ଆଣୁ ନାହାନ୍ତି, ଈଶ୍ୱର ତଥା ତାହାଙ୍କ ଧର୍ମ ଏବଂ ତାହାଙ୍କ ଧର୍ମଗ୍ରନ୍ଥ ଓ ପବିତ୍ର ଅବତାର ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ପ୍ରତ୍ୟାଖ୍ୟାନ ଏବଂ ଖଣ୍ଡନ (ପ୍ରତିବାଦ) ଦୃଷ୍ଟିରେ ଦେଖନ୍ତି ସେମାନଙ୍କୁ ଏକ ଖୋଲା ନିର୍ଦ୍ଦଶନ ପ୍ରାପ୍ତ ହେଉ ଏବଂ ପାପୀମାନଙ୍କର ମାର୍ଗ ଉଦ୍‌ଘାଟିତ ହୋଇଯାଉ। ଅତଏବ ତୁମ୍ଭକୁ ଶୁଭ ସମାଚାର ପ୍ରଦାନ କରାଯଉଅଛି ଯେ, ଏକ ପ୍ରତାପବାନ୍ (ଶୁଭଦର୍ଶନ ବା ସୁନ୍ଦର) ପବିତ୍ର ପୁତ୍ର ତୁମ୍ଭକୁ ପ୍ରଦାନ କରାଯିବ । ଏକ ସ୍ୱଚ୍ଛ ଏବଂ ପବିତ୍ର ପୁତ୍ର ତୁମ୍ଭକୁ ପ୍ରାପ୍ତ ହେବ । ସେହି ପୁତ୍ର ତୁମ୍ଭରି ଔରସରୁ ଏବଂ ତୁମ୍ଭରି ସନ୍ତାନ ଏବଂ ବଂଶରୁ ଅନ୍ୟତମ ହେବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଉକ୍ତ ଭବିଷ୍ୟବାଣୀର ଆଗକୁ ସେହି ପୁତ୍ର ସନ୍ତାନର ବୈଶିଷ୍ଟ୍ୟତା ସଂପର୍କରେ ବର୍ଣ୍ଣନା କରାଯାଇଛି । ତନ୍ମଧ୍ୟରୁ ମୁଁ ଗୋଟିଏ ଦୁଇଟି ବୈଶିଷ୍ଟ୍ୟତାର ଏଠାରେ ଚର୍ଚ୍ଚା କରିଦେଉଛି । ଆପଣ ଅ.ସ କୁହନ୍ତି:"ସେହି ବାଳକଟି ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଏବଂ ବୁଦ୍ଧିମାନ ହେବ, ସେ ପ୍ରକାଶ୍ୟ ଏବଂ ଅପ୍ରକାଶ୍ୟ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ କରାଯିବ । ପୁନଶ୍ଚ ଆପଣ ଅ.ସ କୁହନ୍ତି; ସେହି ଦିବ୍ୟ ବାଳକଟି କାରାବରଣ ଦଣ୍ଡ ଭୋଗୁଥିବା ବନ୍ଦୀମାନଙ୍କ ମୁକ୍ତିର କାରଣ ସାଜିବ।" **(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-647)**

ଏହା ହେଉଛି ସେହି ଦୀର୍ଘ ଭବିଷ୍ୟତବାଣୀର କେତେକ ପ୍ରସଙ୍ଗ । ପୁନଶ୍ଚ ଆମେମାନେ ଦେଖୁଛୁ ଯେ, ଉକ୍ତ ଅବଧି ମଧ୍ୟରେ ଆପଣ ଅ.ସ ଅଲ୍ଲାଃତାଲାଙ୍କ ଠାରୁ ସୂଚନା ପ୍ରାପ୍ତ କରି ଯେଉଁ ଭବିଷ୍ୟତବାଣୀର ଘୋଷଣା କରିଥିଲେ ଯେ, ମୋତେ ଏକ ଐଶ୍ୱର୍ଯ୍ୟଶାଳୀ, ପବିତ୍ର, ବିଚକ୍ଷଣ ଏବଂ ବୁଦ୍ଧିମାନ ପୁତ୍ର ସନ୍ତାନ ପ୍ରାପ୍ତ ହେବ ଏବଂ ଭବିଷ୍ୟବାଣୀର ସମସ୍ତ ଅଂଶର ଚରିତାର୍ଥମୂଳକ କାରଣ ସଂଖ୍ୟା 50 କିମ୍ବା 52 ହେବ । ସେ ଯାହା ହେଉ ଯେପରିକି ମୁଁ କହିଲି, ମୁଁ ତ' ଏହି ଦୁଇ ତିନୋଟି କଥା ଉକ୍ତ ଭବିଷ୍ୟତବାଣୀରୁ ଉଦ୍ଧୃତ କରିଅଛି ।

ହ. ମୁସଲେହ୍ ମଉଦ୍ ର.ଅଙ୍କ 52 ବର୍ଷୀୟ ଖିଲାଫତ୍ କାଳର ପ୍ରତ୍ୟେକ ଦିନ ଉକ୍ତ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବାର ମର୍ଯ୍ୟାଦାର ପରିପ୍ରକାଶ କରୁଅଛି । ବର୍ତ୍ତମାନ ଯଦି କୌଣସି ବ୍ୟକ୍ତି ଉକ୍ତ ଭବିଷ୍ୟବାଣୀକୁ ସ୍ୱୀକାର କରୁ ନାହିଁ ତେବେ ସେ ବିରୋଧୀ ଅଟେ । ସେ ଏହା କହିପାରିବ ଯେ, ଅହେମଦିମାନେ ତ' ଉକ୍ତ ଭବିଷ୍ୟବାଣୀ ପୂର୍ଣ୍ଣ ହେବା ନିମନ୍ତେ ଅବଶ୍ୟ ପ୍ରମାଣ ଉପସ୍ଥାପିତ କରିବେ, ସେମାନେ ତ' ଏହା କହୁଥିବେ ଯେ, ଭବିଷ୍ୟବାଣୀ ତ' ସଂପୂର୍ଣ୍ଣ ହୋଇଗଲା କିନ୍ତୁ କୌଣସି ବଳିଷ୍ଠ ପ୍ରମାଣ ଉପସ୍ଥାପିତ କର । ତେବେ ଏହିପରି ଆପତିକର୍ତ୍ତାମାନ ନିର୍ଲଜ ଅଟନ୍ତି ଅନ୍ୟଥା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ କାଳରେ ଜମାଅତ୍ ଅହେମଦିୟାର ଉନ୍ନତିର ପ୍ରତ୍ୟେକ ଦିନ ଯେପରିକି ମୁଁ କହିଲି କି ତାହା ଜ୍ୱଳନ୍ତ ନିଦର୍ଶନ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ମୁଁ ଭବିଷ୍ୟବାଣୀ ପ୍ରସଙ୍ଗରେ ଯେଉଁ ଚର୍ଚ୍ଚା କଲି ତତ୍‌ସଂପର୍କରେ ମୁଁ ଏପରି ନ୍ୟାୟପ୍ରିୟ ବ୍ୟକ୍ତିମାନଙ୍କର ସାକ୍ଷ୍ୟ ଉପସ୍ଥାପିତ କରି ଦେଉଛି ଯେଉଁ ବ୍ୟକ୍ତିମାନଙ୍କର ଜମାଅତ୍ ସହିତ କୌଣସି ସଂପର୍କ ନାହିଁ ଏବଂ ଭାରତ ଏବଂ ପାକିସ୍ତାନରେ ସେମାନେ ଅତି ଜଣାଶୁଣା ବ୍ୟକ୍ତିତ୍ୱ ଅଟନ୍ତି ।

ସୁତରାଂ ମୌଲାନା ଗୁଲାମ୍ ରସୁଲ୍ ମେହେର ସାହେବ ନାମକ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଅଟନ୍ତି । ଆପଣ 1895 ମସିହାରେ ଜାଲନ୍ଧର ଠାରେ ଜନ୍ମଗ୍ରହଣ କରିଥିଲେ। ଜଣେ ଗବେଷକ, ନ୍ୟାୟବାଦୀ, ଲେଖକ, ସାମ୍ବାଦିକ ଏବଂ ଇତିହାସବିତ୍ ଥିଲେ । ଦୈନିକ ଖବରର କାଗଜ ଜମିଦାର ସହିତ ଆପଣ ଜଡ଼ିତ ରହିଥିଲେ । ପରେ ଲାହୋରର ମୌଲାନା ଅବଦୁଲ ମାଜିଦ୍ ସାହେବଙ୍କ ସେବାରେ ଉପସ୍ଥିତ ହେଲେ। କଥୋପକଥନ ସମୟରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂକ୍ରାନ୍ତରେ ମୌଲାନା ଗୁଲାମ୍ ରସୁଲ୍ ମେହେର ସାହେବ କହିଲେ, "ଆପଣମାନଙ୍କର କୌଣସି ପୁସ୍ତକରେ ସେହି ଭବ୍ୟ ତଥା ମହାନ୍ ବ୍ୟକ୍ତିଙ୍କ କୃତିତ୍ୱର ସଂପୂର୍ଣ୍ଣ ସୂଚନା ମିଳୁ ନାହିଁ । ଆମେ ତାଙ୍କୁ ଅତି ନିକଟରୁ ଦେଖିଛୁ । ତାଙ୍କ ସହିତ ଅନେକ ଥର ସାକ୍ଷାତ୍ କରିଛୁ । ମୁଁ ବ୍ୟକ୍ତିଗତ ଭାବ ଆଦାନ ପ୍ରଦାନ ମଧ୍ୟ କରିଛି । ମୁସ୍‌ଲିମ୍ ଜାତି ନିମନ୍ତେ ତ' ତାଙ୍କର ଅସ୍ତିତ୍ୱ ଆପାଦମସ୍ତକ ବିଳାଦାନ ଥିଲା । ପୁନଶ୍ଚ କହିବାକୁ ଲାଗିଲେ ଯେ, ଏକଦା ମୋତେ ରାତାରାତି କାଦିଆନ୍ ଯାଇ ହ. ସାହେବଙ୍କ ସହିତ ପରାମର୍ଶ କରିବାକୁ ପଡ଼ିଥିଲା । ସେହି ଯାତ୍ରା ଏବେ ମଧ୍ୟ ଚକ୍ଷୁ ସମ୍ମୁଖରେ ବିଦ୍ୟମାନ ରହିଛି । ମାନବତା ସକାଶେ ସେହି ବ୍ୟକ୍ତିଙ୍କ ହୃଦୟରେ ଅତ୍ୟନ୍ତ ସମବେଦନା ରହିଥିଲା । ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମନରେ ଅତ୍ୟନ୍ତ ସମବେଦନା ରହିଥିଲା । ଯେଉଁଠି ବି ମୁସ୍‌ଲିମ୍ ଜାତିର ଉନ୍ନତି ତଥା ବିକାଶର ପ୍ରସଙ୍ଗ ଆସୁଥିଲା ଆପଣ ସେଠାରେ ବ୍ୟବହାରିକ ପ୍ରସ୍ତାବ ଉପସ୍ଥାପିତ କରି ଆମମାନଙ୍କର ସାହସ ଅଭିବୃଦ୍ଧିର କାରଣ ସାଜୁଥିଲେ । ଏହିଭଳି ପରିସ୍ଥିତିରେ ଆପଣଙ୍କର ପ୍ରତ୍ୟେକଟି ପ୍ରାଣ ବିନ୍ଦୁ ଜାତିର ଦୁଃଖ ଯୋଗୁଁ ବ୍ୟାକୁଳିତ ହୋଇ ଉଠୁଥିଲା । ଗୋଷ୍ଠୀବାଦର ବାଦ୍ୱେଷାଭାବ ମୁଁ ସେହି ଅସ୍ତିତ୍ୱଙ୍କ ମଧ୍ୟରେ ତିଳେ ମାତ୍ର ଦେଖିବାକୁ ପାଇ ନାହିଁ । ମିର୍ଜା ସାହେବ ଅନନ୍ୟ ପ୍ରତିଭାଧର ଏବଂ ବୁଦ୍ଧିମାନ ବ୍ୟକ୍ତି ଥିଲେ ।"

ପେଶ୍‌ଗୋଇ (ଭବିଷ୍ୟବାଣୀ)ର ଦୁଇଟି ଶବ୍ଦ ରହିଛି । ସେହି ପବିତ୍ର ପୁତ୍ର ଅନନ୍ୟ ପ୍ରତିଭାଧର ଏବଂ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହେବ। ଏ ସଂପର୍କରେ ଅଣଅହେମଦିମାନେ ମଧ୍ୟ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ପୁନଶ୍ଚ ଉକ୍ତ କଥୋପକଥନକୁ ଅବ୍ୟାହତ ରଖି କହିବାକୁ ଲାଗିଲେ ଯେ, ମୁଁ ଭାରତ ଓ ପାକିସ୍ତାନରେ ଏପରି ରାଜନୈତିକ ନେତା ଅବଲୋକନ କରି ନାହିଁ ଯାହାର ବୁଦ୍ଧି ବ୍ୟବହାରିକ ପଲିଟିକ୍ସରେ (ରାଜନୀତି) ଏପରି କାର୍ଯ୍ୟ କରିଥାଏ ଯେପରି ମିର୍ଜା ସାହେବଙ୍କର ମସ୍ତିଷ୍କ କାର୍ଯ୍ୟ କରୁଥିଲା । ନିଃସ୍ୱାର୍ଥ ପରାମର୍ଶ, ସ୍ପଷ୍ଟ ପ୍ରସ୍ତାବ ଓ ପୁନଶ୍ଚ ସଠିକ୍ ପତ୍ର ଉପରେ କାର୍ଯ୍ୟାନୁସରଣ ଏହା ତାହାଙ୍କର ବିଶେଷତ୍ୱ ରହିଥିଲା। ତାଙ୍କର ବିୟୋଗ ଯୋଗୁଁ ମୁଁ ମର୍ମାହତ ଓ ଦୁଃଖିତ ହେଲି । ସେ କହିବାକୁ ଲାଗିଲେ,


### ଅଲ୍ଲାଃତାଲାଙ୍କ ବାଣୀ

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ମୁଁ ଇସ୍‌ମାଇଲ୍ ସାହେବ ପାନିପତିଙ୍କୁ ଶୋକପତ୍ର ପ୍ରେରଣ କରିଛି । ଉକ୍ତ ପତ୍ରରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସେ ହ. ସାହେବଙ୍କ ସହିତ ସଂପୃକ୍ତ ଶୋକ ପଂକ୍ତିକୁ ପ୍ରକାଶନ ମଧ୍ୟ କରିପାରିବେ ।

ପୁନଶ୍ଚ କୁହନ୍ତି, ଦୁଃଖ ଓ ପରିତାପର ବିଷୟ ! ମୁସଲମାନମାନେ ମିର୍ଜା ସାହେବଙ୍କର ମୂଲ୍ୟକୁ ବୁଝିଲେ ନାହିଁ । ଅତ୍ୟନ୍ତ ବିରୋଧର ଝଡ଼ଝଞ୍ଜା ସତ୍ତ୍ୱେ ମୁଁ ମିର୍ଜା ସାହେବଙ୍କୁ ମଧ୍ୟ କେବେବି ଦୁଃଖିତ ହୋଇଥିବାର ଦେଖି ନାହିଁ । ମିର୍ଜା ସାହେବଙ୍କ ହୃଦୟର ଦୀପ ସର୍ବଦା ପ୍ରଜ୍ୱଳିତ ହୋଇ ରହୁଥିଲା । ଆମେମାନେ ଦୁଃଖ ଏବଂ ବ୍ୟଥିତ ମୁଖ ନେଇ ତାହାଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଯାଉଥିଲୁ ଏବଂ ଯେତେବେଳେ ବାହାରକୁ ଆସୁଥିଲୁ ସେତେବେଳେ ଏପରି ପ୍ରତିତ ହେଉଥିଲା ଯେପରିକି ନୈରାଶ୍ୟର ବାଦଲ ହଟି ଯାଇଛି ଏବଂ ଉଦ୍ଦଶ୍ୟରେ ସାଫଲ୍ୟମଣ୍ଡିତ ହେବାର ଦୃଶ୍ୟ ସମ୍ମୁଖରେ ଦୃଶ୍ୟମାନ ହେଉଅଛି । ଓଜନ୍‌ଦାର ପ୍ରମାଣ (ଅର୍ଥାତ୍ ବଳିଷ୍ଠ ପ୍ରମାଣ)  ଆପଣ ର.ଅ ଦେଉଥିଲେ ଏବଂ ବ୍ୟବହାରଯୋଗ୍ୟ କଥା କହୁଥିଲେ । କେବଳ ସେତିକି ନୁହେଁ ପ୍ରତ୍ୟେକ ପ୍ରକାରର ବଳିଦାନ ଏବଂ ସହଯୋଗ ଉପସ୍ଥାପିତ ମଧ୍ୟ କରୁଥିଲେ । ଯଦ୍ଦ୍ୱାରାକି ଆମମାନଙ୍କ ମଧ୍ୟରେ ସାହସିକତା ଏବଂ ଉତ୍ସାହଜନିତ ଭାବାବେଗ ସୃଷ୍ଟି ହେଉଥିଲା । **(ମାସିକ୍ ଖାଲିଦ୍, ଲେଖକ-ସୟେଦିନା ମୁସ୍‌ଲେହ୍ ମଉଦ୍ ନଂ, ଜୁନ୍-ଜୁଲାଇ-2008 ମସିହା, ପୃ-325-326ରୁ ଆନୀତ)**

ପୁନଶ୍ଚ କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଲାଲା କଁୱର୍ ଭୀମ୍ ସେନ୍ ସାହେବ ଆପଣ ର.ଅଙ୍କ ସଂପର୍କରେ ତାଙ୍କର ଏକ ପ୍ରତିକ୍ରିୟା ରହିଛି । ଲାଲା କଁୱର୍ ସେନ୍ ସାହେବ ଭୀମ୍ ସେନ୍ ସାହେବଙ୍କର ସୁପୁତ୍ର ଥିଲେ । ସେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଭାଷଣ "ଆରବୀ ଭାଷାର ମର୍ଯ୍ୟାଦା ଆନ୍ତର୍ଜାତିକ ଭାଷା ମଧ୍ୟରେ" ସଂପର୍କରେ କୁହନ୍ତି: "ଆପଣ ର.ଅ ସଭାପିତ ମହୋଦୟଙ୍କ କୃତଜ୍ଞତା ଜ୍ଞାପନ ପରେ ବିଶେଷ ରୂପେ କୃତଜ୍ଞତାର ଭାବାବେଗ ଦ୍ୱାରା ପରିପୂର୍ଣ୍ଣ ଇଂରାଜୀରେ ଏକ ପ୍ରଭାବଶାଳୀ ଭାଷଣ ପ୍ରଦାନ କଲେ । ଯାହାର ଭାବାର୍ଥ ଏହା ଥିଲା, (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କର ଏକ ଲେକଚର୍ ଥିଲା ତାହାକୁ ଶୁଣିବା ପରେ ଉକ୍ତ ବ୍ୟକ୍ତି ଜଣକ କହିଲେ) ଯେ, ଆଜି  ସୁଯୋଗ୍ୟ ବକ୍ତା ଆରବୀ ଭାଷାର ମର୍ଯ୍ୟାଦା, ଶ୍ରେଷ୍ଠତ୍ୱ ତଥା ମାହାତ୍ମ୍ୟତା ଉପରେ ଚିତ୍ତାକର୍ଷକ, ମନମୁଗ୍ଧକର ଏବଂ ଯୁଗାନ୍ତକାରୀ ବିପ୍ଳବପୂର୍ଣ୍ଣ ଭାଷଣ ପ୍ରଦାନ କରିଛନ୍ତି । ଏହାକୁ ଶୁଣି ମୁଁ ଅତ୍ୟନ୍ତ ଅନନ୍ଦିତ ଓ ଉତଫୁଲ୍ଲିତ ହେଲି। ସେହି ଦୃଷ୍ଟିରୁ ମଧ୍ୟ ମୁଁ ଅତ୍ୟନ୍ତ ପ୍ରସନ୍ନ କି ବ୍ୟକ୍ତିଗତ ରୂପେ ମୋର ଆପଣଙ୍କ ସହିତ ସଂପର୍କ ରହିଛି । ସୁତରାଂ ତାଙ୍କର ପିତାଶ୍ରୀଙ୍କ ଠାରୁ ମୋର ପିତାଶ୍ରୀ ଆରବୀ ଭାଷା ଶିକ୍ଷାର୍ଜନ କରିଥିଲେ । ଲାଲା ସାହେବଙ୍କ ପିତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କ ଠାରୁ ଆରବୀ ଭାଷା ଶିକ୍ଷାର୍ଜନ କରିଥିଲେ । କୁହନ୍ତି, ମୁଁ ଯେତେବେଳେ ଆପଣ ର.ଅଙ୍କ ଲେକଚର୍ ଶୁଣିବାକୁ ଆସିଲି ସେତେବେଳେ ମୁଁ ଏହା ଚିନ୍ତା କଲି ଯେ, ବିଷୟବସ୍ତୁଟି ଏଭଳି ଢଙ୍ଗରେ ଉପସ୍ଥାପିତ କରାଯିବ ଯେପରି ପୁରାତନ ଢଙ୍ଗରେ ଲୋକମାନେ ଉପସ୍ଥାପିତ କରୁଛନ୍ତି । ସେ କହିବାକୁ ଲାଗିଲେ, ଏକ ଘଟଣା ବିଖ୍ୟାତ ଅଛି ଯେ, କୌଣସି ଏକ ଆରବ ଦେଶର ନାଗରିକକୁ ଏକଦା ଆରବୀ ଭାଷାର ମର୍ଯ୍ୟାଦାର କାରଣ ସଂପର୍କରେ ପ୍ରଶ୍ନ ପଚାରଗଲା । ତେବେ ସେହି ବ୍ୟକ୍ତି ଜଣକ କହିଲା କି ଆରବୀ ଭାଷାର ଶ୍ରେଷ୍ଠତ୍ୱତା ଏବଂ ମାହାତ୍ମ୍ୟତା ତିନୋଟି କାରଣରୁ ରହିଛି । **ପ୍ରଥମତଃ-** ମୁଁ ଆରବ ଦେଶର ଜଣେ ନାଗରିକ ଅଟେ । ତେଣୁ ଏହା ଆରବୀୟ ଭାଷାର ଶ୍ରେଷ୍ଠତ୍ୱତାର ପ୍ରମାଣ ଅଟେ । **ଦ୍ୱିତୀୟତଃ-** ପବିତ୍ର କୁରଆନ୍ କରୀମ୍ ଆରବୀ ଭାଷାରେ ଲିପିବଦ୍ଧ ହୋଇଅଛି । ଚାଲ ଏକଥା ଗ୍ରହଣୀୟ ଅଟେ। **ତୃତୀୟତଃ-** ବୈକୁଣ୍ଠ ଲୋକରେ ମଧ୍ୟ ଆରବୀ ଭାଷା ବୋଲାଯିବ । ମହୋଦୟ ବ୍ୟକ୍ତି ଜଣକ କୁହନ୍ତି, ମୁଁ ଭାବୁଥିଲି ଯେ, ସମ୍ଭବତଃ ଆରବୀ ଭାଷାର ମାହାତ୍ମ୍ୟତା ଏବଂ ଶ୍ରେଷ୍ଠତ୍ୱତା ସଂପର୍କରେ ଏହି ପ୍ରକାରର ପ୍ରସଙ୍ଗ ତଥା ଭାଷା ଉପସ୍ଥାପିତ କରାଯିବ। କିନ୍ତୁ ଆପଣ ର.ଅ (ଖଲିଫା ସାନି ର.ଅ) ଯେଉଁ ଭାଷଣ ପ୍ରଦାନ କଲେ ତାହା ଅତ୍ୟନ୍ତ  ଶିକ୍ଷାଭିତ୍ତିକ, ଦାର୍ଶନିକପୂର୍ଣ୍ଣ ମର୍ଯ୍ୟାଦାର ଅଧିକାରୀ ଥିଲା । ମୁଁ ମହୋଦୟ ମିର୍ଜା ସାହେବଙ୍କୁ ଏହି ବିଶ୍ୱାସ ଦେଉଛି ଯେ, ମୁଁ ତାଙ୍କ ଅଭିଭାଷଣର ଗୋଟିଏ ଗୋଟିଏ ଅକ୍ଷରକୁ ପୂର୍ଣ୍ଣ ମନଯୋଗପୂର୍ବକ ଏବଂ ଧ୍ୟାନପୂର୍ବକ ଶୁଣିଛି ଏବଂ ତହିଁରୁ ଗଭୀର ଭାବରେ ଉପକୃତ ତଥା ଆନନ୍ଦିତ ହେଲି ଓ ଲାଭାନ୍ୱିତ ମଧ୍ୟ ହେଲି । ମୁଁ ଆଶା କରୁଛି ଯେ, ଉକ୍ତ ଭାଷଣର ପ୍ରଭାବ ଦୀର୍ଘ ଦାନ ପର୍ଯ୍ୟନ୍ତ ମୋ ହୃଦୟରେ ବଳବତ୍ତର ରହିବ । **(ତାରିଖେ ଅହେମଦିୟତ୍, ଭାଗ-6, ପୃ-181)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ତ' ସାଂସାରିକ ଶିକ୍ଷା ଦୃଷ୍ଟିରୁ ପ୍ରଥମ ଶ୍ରେଣୀ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ନଥିଲେ । ଅଲ୍ଲାଃତାଲା ତାଙ୍କ ମଧ୍ୟରେ ସେହି ଶିକ୍ଷା ଭର୍ତ୍ତି କରିଥିଲେ। ଯେପରିକି ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତି ରହିଥିଲା ଏବଂ ପର ଲୋକମାନେ ମଧ୍ୟ ଏହାର ଭୂୟସୀ ପ୍ରଶଂସା କରି ଆଉ ରହିପାରି ନାହାନ୍ତି ।

ଜଣେ ଆମେରିକୀୟ ପାଦ୍‌ରୀଙ୍କ ପ୍ରତିକ୍ରିୟା ଶୁଣି ନିଅନ୍ତୁ । ଶେଖ୍ ଇସ୍‌ମାଇଲ୍ ସାହେବ ପାନିପତି ବର୍ଣ୍ଣନା କରିଛନ୍ତି । ମୌଲବୀ ଉମରୁଦ୍ଦୀନ୍ ସାହେବ ଶମୁଲ୍‌ୱୀ ଏକଦା ଏକ ଘଟଣା ମୋତେ କହିଲେ । ସେ କୁହନ୍ତି : "ହୁଜୁରଙ୍କ ଖଲିଫା ହେବାର କିଛି ମାସ ପରେ ଅର୍ଥାତ ହ. ଖଲିଫତୁଲ୍ ମସିହ୍ ସାନି ର.ଅ 1914 ମସିହାରେ ଖିଲାଫତ୍ ଆସନରେ ଯେତେବେଳେ ଅଭିଷିକ୍ତ ଏବଂ ଆସୀନ ହେଲେ ସେତେବେଳେ କିଛି ମାସ ପରେ ଆମେରିକାର ଜଣେ ପାଦରି କାଦିଆନ୍ ଆସିଲା। ସେହି ପାଦରୀ ଜଣକ ବିଦ୍ୱାନ୍ ପଣ୍ଡିତ ମଧ୍ୟ ଥିଲା ଏବଂ ନିଜର ବିଦ୍ୟା ଯୋଗୁଁ ଅହଂକାର ମଧ୍ୟ କରୁଥିଲା । କାଦିଆନ୍ ପହଞ୍ଚି ସେ ଆମ ସମ୍ମୁଖରେ କେତେକ ଧାର୍ମିକ ପ୍ରଶ୍ନ ଉପସ୍ଥାପିତ କଲା ଯାହାକି ଅତ୍ୟନ୍ତ ଉଚ୍ଚ ପ୍ରତିଷ୍ଠିତ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଥିଲା । ତତ୍‌ସହିତ ସେ କହିଲା, ମୁଁ ସୁଦୂର ଆମେରିକାରୁ ଏଠାକୁ ଚାଲି ଆସିଛି ଏବଂ ମୁଁ ମୁସଲମାନମାନଙ୍କର ପ୍ରତ୍ୟେକଟି ସଭାରେ ବସି ଉକ୍ତ ପ୍ରଶ୍ନର ପୁନରାବୃତ୍ତି କରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ମୁସଲମାନମାନଙ୍କର ବଡ଼ରୁ ବଡ଼ ବିଦ୍ୱାନ୍ ପଣ୍ଡିତ, ମନିଷୀମାନେ ଏହି ପ୍ରଶ୍ନର ସାନ୍ତ୍ୱନାମୂଳକ ଉତ୍ତର ମୋତେ ପ୍ରଦାନ କରିପାରି ନାହନ୍ତି । ତେଣୁ ମୁଁ ସେହି ପ୍ରଶ୍ନକୁ ଆପଣଙ୍କ ଖଲିଫାଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ନିମନ୍ତେ ବିଶେଷ ରୂପେ ଏଠାକୁ ଆସିଛି । ଦେଖଯାଉ ! ଖଲିଫା ମହୋଦୟ ମୋର ଏହିସବୁ ପ୍ରଶ୍ନର କ'ଣ ସବୁ ଉତ୍ତର ପ୍ରଦାନ କରୁଛନ୍ତି । ବର୍ଣ୍ଣନାକାରୀ କୁହନ୍ତି ଯେ, ପ୍ରଶ୍ନଗୁଡ଼ିକ ଏତେ କୁଟୀଳ ଏବଂ ବିଚିତ୍ର ପ୍ରକାରର ଥିଲା କି ସେଗୁଡ଼ିକୁ ଶୁଣି ମୁଁ ଏହି ବିଶ୍ୱାସ କଲି ଯେ, ବର୍ତ୍ତମାନ ହ. ସାହେବ ସଂପୂର୍ଣ୍ଣ ରୂପେ ଯୁବକଟିଏ ଅଟନ୍ତି ଏବଂ ଐଶ୍ୱରୀକତା ସଂପର୍କିତ କୌଣସି ନିୟମିତ ଶିକ୍ଷା ମଧ୍ୟ ଆପଣ ପ୍ରାପ୍ତ କରି ନାହାନ୍ତି । ବୟସ ମଧ୍ୟ ଖୁବ୍ ଛୋଟ ହେବ ଏବଂ ପରିଚୟ ମଧ୍ୟ ସ୍ୱଳ୍ପ ଅଟେ । ସମ୍ଭବତଃ ଆପଣ ର.ଅ ସେହି ପ୍ରଶ୍ନଗୁଡ଼ିକର ଉତ୍ତର କଦାପି ଦେଇ ପାରିବେ ନାହିଁ। ଏହିପରି ଭାବରେ ଜମାଅତ୍ ଅହେମଦିଆର ଘୋର ଦୁର୍ନାମ ଏବଂ ତିରସ୍କାର ସମଗ୍ର ସଂସାରେ ହେବ । କାରଣ ଯେତେବେଳେ ହ. ସାହେବ ଏହି ପ୍ରଶ୍ନର ଉତ୍ତର ଦେଇପାରିବେ ନାହିଁ ସେତେବେଳେ ଏହି ଆମେରିକୀୟ ପାଦ୍‌ରୀ ନିଜ ଦେଶକୁ ଫେରି ସମସ୍ତ ସଂସାରରେ ଉକ୍ତ ଘଟଣା ସଂପର୍କରେ ପ୍ରପୋଗେଣ୍ଡା (କୁମନ୍ତ୍ରଣା) କରିବ ଯେ, ଅହେମଦିମାନଙ୍କର ଖଲିଫା ମଧ୍ୟ  କିଛି ଜାଣି ନାହିଁ ଏବଂ ଖ୍ରୀଷ୍ଟ ଧର୍ମ ବିପକ୍ଷରେ କଦାପି ସେ (ଅହେମଦି ଖଲିଫା) ତିଷ୍ଠି ପାରିବେ ନାହିଁ । ସେ (ଅର୍ଥାତ୍ ଖଲିଫା ସାନି) କେବଳ ନାମକୁ ମାତ୍ର ଖଲିଫା ଅଟେ । ଅନ୍ୟଥା ତାଙ୍କର କୌଣସି କାଣ୍ଡଜ୍ଞାନ ନାହିଁ । ଇସମାଇଲ୍ ସେହାବ କୁହନ୍ତି: ଉକ୍ତ ଅବସ୍ଥାଚକ୍ର ବା ପରିସ୍ଥିତି ସଂପର୍କରେ ଭାବି ମୁଁ ବହୁତ ଚିନ୍ତିତ ହେଲି । ମୁଁ ଏହି କଥାର ଚେଷ୍ଟା କଲି ଯେ, ସେହି ଆମେରିକୀୟ ପାଦରୀ ହ. ସାହେବଙ୍କ ସହିତ ସାକ୍ଷାତ୍ ନକରୁ ଏବଂ ସେମିତି ଫେରିଯାଉ । କିନ୍ତୁ ମୁଁ ଉକ୍ତ ଉଦ୍ୟମରେ ସାଫଲ୍ୟମଣ୍ଡିତ ହେଲି ନାହିଁ  । ସେହି ଆମେରିକୀୟ ଏହି କଥାରେ ଅଡ଼ି ବସିଲା ଏବଂ କହିଲା ଯେ, ମୁଁ ଆଜି ଅବଶ୍ୟ ଖଲିଫା ସାହେବଙ୍କୁ ସାକ୍ଷାତ୍ କରି ଯିବି । ମୁଁ ଅନନ୍ୟୋପାୟ ହୋଇଗଲି ଏବଂ ମୁଁ ହ. ସାହେବଙ୍କୁ କହିଲି, ହୁଜୁର ! ଜଣେ ଆମେରିକୀୟ ପାଦ୍‌ରି ଆସିଛନ୍ତି । ସେ ଆପଣଙ୍କୁ କେତୋଟି ପ୍ରଶ୍ନ ପଚାରିବାକୁ ଚାହୁଁଛନ୍ତି । ବର୍ତ୍ତମାନ କ'ଣ କରାଯିବ? ପ୍ରତ୍ୟୁତ୍ତରରେ ହ. ସାହେବ କାଳ ବିଳମ୍ବ ନକରି ଏବଂ ସମୟ ଅପଚୟ ନକରି କହିଲେ, ତା'କୁ ଡାକିଆଣ । ମୁଁ ଅନନ୍ୟୋପାୟ ହୋଇ ତା'କୁ ଧରି ହ. ସାହେବଙ୍କ ସେବାରେ ଉପସ୍ଥିତ ହେଲି । ଉଭୟଙ୍କ ମଧ୍ୟରେ ମୁଁ ଦ୍ୱିଭାଷୀକ ବା ଅନୁବାଦକ ମୁଁ ହିଁ ଥିଲି । ସେ ଇଂରାଜୀ ଭାଷା କହୁଥିଲା ଏବଂ ଆପଣ ର.ଅ ଉର୍ଦ୍ଦୁ ଭାଷାରେ ଉତ୍ତର ଦେଉଥିଲେ । ମହୋଦୟ ଶେଖ ଇସମାଇଲ୍ ସାହେବ ଦ୍ୱିଭାଷୀକ କାର୍ଯ୍ୟ ସମ୍ପାଦନ କରୁଥିଲେ । ମହୋଦୟ କୁହନ୍ତି: ଆମେରିକୀୟ ପାଦରୀ ଜଣକ କିଛି ଚିରାଚରିତ ବାର୍ତ୍ତାଳାପ କରିବା ପରେ ନିଜର ପ୍ରଶ୍ନ ହ. ସାହେବ ଅର୍ଥାତ ଖଲିଫା ସାନି ର.ଅଙ୍କ ସେବାରେ ଉପସ୍ଥାପିତ କଲା । ମୁଁ ସେହି ପ୍ରଶ୍ନର ଅନୁବାଦ ଆପଣଙ୍କୁ ଶୁଣାଇଦେଲି। ହ. ସାହେବ ଅତ୍ୟନ୍ତ ଧୈର୍ଯ୍ୟତାର ସହିତ ସେହି ସମସ୍ତ ପ୍ରଶ୍ନକୁ ଶୁଣିଲେ ଏବଂ ପୁନଶ୍ଚ ସେହି ପ୍ରଶ୍ନଗୁଡ଼ିକର ଆପଣ ର.ଅ ଏପରି ପରିଚୟପୂର୍ଣ୍ଣ, ତତ୍ତ୍ୱପୂର୍ଣ୍ଣ ଏବଂ ଅଦୃଷ୍ଟାନ୍ତନୀୟ ଉତ୍ତର ପ୍ରଦାନ କଲେ। ମୁଁ ଯେତେବେଳେ ଏହିସବୁ ପ୍ରଶ୍ନର ଉତ୍ତର ଇଂରାଜୀ ଭାଷାରେ ଆମେରିକୀୟ ପାଦ୍‌ରୀକୁ ଶୁଣାଇଲି ସେତେବେଳେ ସେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ:  Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ମଧ୍ୟ ଆଶ୍ଚର୍ଯ୍ୟ ଚକିତ ଏହଂ ହତବମ୍ବ ହୋଇଗଲା ଏବଂ କହିବାକୁ ଲାଗିଲା, ମୁଁ ଆଜିପର୍ଯ୍ୟନ୍ତ ଏପରି ଯୁକ୍ତିଯୁକ୍ତ ଏବଂ ଉଚିତ୍ ବାର୍ତ୍ତାଳାପ ତଥା ପ୍ରମାଣଭିତ୍ତିକ ଭାଷଣ କୌଣସି ମୁସଲମାନ ତୁଣ୍ଡରୁ (ମୁଖରୁ)ଶୁଣି ନାହିଁ । ଏପରି ପ୍ରତିତ ହେଉଛି ଯେ, ତୁମର ଖଲିଫା ବହୁତ ବଡ଼ ବିଦ୍ୱାନ୍ ଅଟନ୍ତି ଏବଂ ସକଳ ଧର୍ମ ଉପରେ ତାଙ୍କର ଗଭୀର ଦୃଷ୍ଟି ଅର୍ଥାତ୍ ଜ୍ଞାନ ଓ ଦଖଲ ରହିଛି । ଏହା କହି ସେ ଅତ୍ୟନ୍ତ ଶିଷ୍ଟତାର ସହିତ ହ. ସାହେବଙ୍କ (ଖଲିଫା ସାନି ର.ଅଙ୍କ)"ହସ୍ତକୁ ଚୁମ୍ବନ ଦେଲା ଏବଂ ଚାଲିଗଲା ।

**(ତାରିଖେ ଅହେମଦିୟତ୍, ଭାଗ-4, ପୃ163-164ରୁ ଉଦ୍ଧୃତ)**

ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବାର ଏହା ହେଉଛି ମର୍ଯ୍ୟାଦା ବା ଗୌରବ । ଜଣେ ପାଦ୍ରୀ ଯେକି ନିଜକୁ ସମସ୍ତ ବିଦ୍ୟାର ବିଦ୍ୱାନ୍ ବିଶେଷଜ୍ଞ ବୋଲି ମନେକରୁଥିଲା ସେ କିପରି ଇସ୍‌ଲାମ୍ ଧର୍ମର କାଇଲ୍ (ସ୍ୱୀକାରୋକ୍ତି ପ୍ରକାଶକର୍ତ୍ତା) ହୋଇ ଫେରିଲା। ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଏକ ପୁସ୍ତକ ରହିଛି "ନହର୍ ଓ ପୋର୍ଟ ଔର୍ ମୁସଲମାନୋଁ କେ ମସାଲେହ୍" ତତ୍‌ସଂକ୍ରାନ୍ତରେ ଏକ ମତପ୍ରକାଶକାରୀ ଉଲ୍ଲେଖ କଲା କି "ସେ ମଧ୍ୟହୁଜୁର ର.ଅଙ୍କ ତାତ୍‌କ୍ଷଣିକ ମାର୍ଗଦର୍ଶନ ଦ୍ୱାରା ମୁସଲମାନମାନଙ୍କର ଉଚ୍ଚ ଗୋଷ୍ଠୀମାନେ କୃତଜ୍ଞ ହେଲେ ଏବଂ ମୁସଲମାନମାନଙ୍କର ରାଜନୈତିକ ପରିଧି ମଧ୍ୟରେ ଏହାକୁ ସମସ୍ତେ ବହୁତ ଭଲ ପାଇଥିଲେ । ବଡ଼ ବଡ଼ ମୁସ୍‌ଲିମ୍ ନେତାମାନେ ପ୍ରଶଂସିତ ବାକ୍ୟରେ ଏହାର ଖୁବ୍ ଉଚ୍ଚ ପ୍ରଶଂସା କରିଥିଲେ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ ଯେ, ହ. ଇମାମ୍ ଜମାଅତ୍ ଅହେମଦିୟା ମୁସଲମାନମାଙ୍କର ଅତ୍ୟନ୍ତ ଆବଶ୍ୟକ ସମୟରେ ହସ୍ତ ଧରିନେଇଥିଲେ । ସୁତରାଂ ଅନେକ ବ୍ୟକ୍ତି ହ. ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବଙ୍କୁ କହିଲେ ଯେ, ପ୍ରକୃତ ଏବଂ ବ୍ୟବହାରିକ କାର୍ଯ୍ୟ ତ' ଆପଣଙ୍କ ଜମାଅତ୍ କରୁଅଛି ଏବଂ ଆପଣଙ୍କ ଜମାଅତରେ ଯେଉଁ ଗୋଷ୍ଠୀ ରହିଛି ତାହା ଅନ୍ୟ କେଉଁଠି ବି ଦୃଶ୍ୟମାନ ହେଉ ନାହିଁ ।" କଲିକତାର ନୈଷ୍ଠିକ ଅହେମଦି ମିଷ୍ଟର ଦୌଲତ୍ ଅହେମଦ ଖାଁ ସାହେବ ବି.ଏ.ଏଲ୍.ଏଲ୍,ବି ଜଏଣ୍ଟ୍ ଏଡ଼ିଟର "ସୁଲତାନ୍" ଖବରକାଗଜ ଉକ୍ତ ଆଲୋଚନାକୁ ବାଂଲା (ବଂଗାଳୀ) ଭାଷାରେ ଅନୁବାଦ କରି ଏକ ସଂକ୍ଷିପ୍ତ ପୁସ୍ତିକା ଆକାରାରେ ସଂକଳନ କରି ପ୍ରକାଶିତ କଲେ ଏବଂ ବଙ୍ଗବାସୀଙ୍କ ମଧ୍ୟରେ ଏହା ଖୁବ ଆଦୃତ ଲାଭ ପାଇଥିଲା । ଜଣେ ଶିକ୍ଷିତ ସଜ୍ଜନ ଅଣଅହେମଦି ନହର୍ ଓ ପୋର୍ଟ ଉପରେ ଟିପ୍ପଣୀର ଅଧ୍ୟୟନ କରିବା ପରେ ଏତେ ପ୍ରଭାବିତ ହେଲେ ଯେ, ସେ ସେକ୍ରେଟାରୀ ତରକ୍କି ଇସ୍‌ଲାମ୍ ନାଁରେ ଏକ ପତ୍ର ଲେଖିଲେ । "ମୋ ମନ ଚାହୁଁଛି ଯେ, ମୁଁ ହ. ଖଲିଫା ସାହେବଙ୍କୁ ଦେଖିବି ଏବଂ ତାଙ୍କୁ ଦର୍ଶନ କରିବି । କାରଣ ମୋ ମନରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଏବଂ ସମ୍ମାନ ରହିଛି । ଆପଣ ଦୟାକରି ହ. ସାହେବଙ୍କ ନିକଟକୁ ଏହି ବିନୀତର ନମସ୍କାର ତଥା ପ୍ରଣାମ ଜଣାଇଦେବେ ଏବଂ ଏହା ମଧ୍ୟ କହିଦେବେ ଯେ, ଜଣେ ସେବକ ତରଫରୁ ଅଭିନନ୍ଦନ ସ୍ୱୀକାର କରନ୍ତୁ । କାରଣ ଆପଣ ଏତେ ସୁନ୍ଦର ଢଙ୍ଗରେ ଏପରି ବିପଦପୂର୍ଣ୍ଣ ପରିସ୍ଥିତିରେ ଯାହା ମଧ୍ୟ ଦେଇ ଇସ୍‌ଲାମ୍ ଧର୍ମ ଗତି କରୁଅଛି ତାହାକୁ ରକ୍ଷା କରୁଛନ୍ତି ଏବଂ ଆପଣ କେବଳ ଧାର୍ମିକ ପ୍ରଯତ୍ନ ନେଉ ନାହାନ୍ତି ବରଂ ରାଜନୈତିକ ପ୍ରସଙ୍ଗରେ ମଧ୍ୟ ମୁସଲମାନମାନଙ୍କର ମଧ୍ୟ ମାର୍ଗଦର୍ଶନ କରୁଛନ୍ତି। ମୁଁ ମହୋଦୟଙ୍କ ଚିନ୍ତାଧାରା ନହର ଓ ପୋର୍ଟ ସମ୍ବନ୍ଧୀୟ ପ୍ରସଙ୍ଗ ପାଠ କଲି, ଆପଣଙ୍କ ସମ୍ମାନ ତଥା ଆପଣଙ୍କ ମର୍ଯ୍ୟାଦା ମୋ ଚକ୍ଷୁରେ ଆହୁରି ବୃଦ୍ଧି ପାଇଛି ଏବଂ ମୁଁ ଯେଉଁଠି ଆପଣଙ୍କୁ ଏକ ମହାନ ବିଦ୍ୱାନ୍ ବୋଲି ମନେକରୁଛି ତତ୍‌ସହିତ ଏକ ଅଭିଜ୍ଞ ରାଜନେତା ମଧ୍ୟ ମନେକରିବାକୁ ଲାଗିଲିଣି।"

**(ତାରିଖେ ଅହେମଦିୟତ୍, ଭାଗ-5, ପୃ-71-72)**

ସିୟାସତ୍ ନାମକ ଏକ ଖବରକାଗଜ ଲାହୋରରୁ ପ୍ରକାଶିତ ହେଉଥିଲା । ସେହି ଖବର କାଗଜର ତା-2 ଡିସେମ୍ବର 1930 ମସିହାରେ ଉଲ୍ଲେଖ ରହିଛି ଯେ, ଧାର୍ମିକ ମତଭେଦକୁ ପରିତ୍ୟାଗ କରି ଦେଖନ୍ତୁ ସମ୍ମାନନୀୟ ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ସାହେବ ଲେଖନୀ କ୍ଷେତ୍ରରେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ପ୍ରତିଭୂ ଦୃଷ୍ଟିରୁ ଏବଂ ଉପକାରିତା ଦୃଷ୍ଟିରୁ ପ୍ରଶଂସାର ପାତ୍ର ଅଟେ । ରାଜନୀତିରେ ନିଜର ଜମାଅତ୍‌କୁ ସାଧାରଣ ମୁସଲମାନମାନଙ୍କ ସହିତ ସମକକ୍ଷ ପରିଚାଳିତ କରାଇବାରେ ଆପଣ ଯେଉଁ କାର୍ଯ୍ୟାନୁସରଣ ଜନିତ ନୀତି ନିୟମର ଶୁଭାରମ୍ଭ କରିଛନ୍ତି ତାହାକୁ ନିଜର ନେତୃତ୍ୱରେ ସଫଳ ମଧ୍ୟ କରିଛନ୍ତି । ତାହା ପ୍ରତ୍ୟେକ ନ୍ୟାୟପ୍ରିୟ ସ୍ୱଭାବ ମୁସଲମାନ ଏବଂ ସତ୍ୟକୁ ଚିହ୍ନୁଥିବା ବ୍ୟକ୍ତି ଠାରୁ ଶ୍ରଦ୍ଧାଞ୍ଜଳୀ ପ୍ରାପ୍ତ କରି ରହିଥାଏ ।

ଆପଣଙ୍କ ରାଜନୈତିକ ନିପୁଣତା ତଥା ଚାତୁର୍ଯ୍ୟତାର ଦଳେ ଗୋଷ୍ଠୀ ସ୍ୱୀକାରୋକ୍ତି ପ୍ରକାଶକାରୀ ଅଟନ୍ତି ଏବଂ ନହର ଓ ରିପୋର୍ଟ ବିରୁଦ୍ଧରେ ମୁସଲମାନମାନଙ୍କୁ ଏକତ୍ରିତ କରିବାରେ ସାଇମନ୍ କମିଶନଙ୍କ ସମକ୍ଷରେ ମୁସଲମାନମାନଙ୍କର ଚିନ୍ତାଧାରା ବା ଦୃଷ୍ଟିକୋଣ ଉପସ୍ଥାପିତ କରିବାରେ ସାଂପ୍ରତିକ ସମସ୍ୟା ଉପରେ ଇସ୍‌ଲାମୀୟ ଦୃଷ୍ଟିକୋଣ ଦ୍ୱାରା ସପ୍ରମାଣଭିତ୍ତିକ ବିତର୍କ କରିବା ଏବଂ ମୁସଲମାନମାନଙ୍କର ଅଧିକାର ସଂପର୍କିତ ଏବଂ ମୁସଲମାନମାଙ୍କର ଅଧିକାରକୁ ସାବ୍ୟସ୍ତପୂର୍ବକ ପୂର୍ଣ୍ଣାଙ୍ଗ ପୁସ୍ତକ ପ୍ରକାଶ କରିବା ସ୍ଥଳେ "ଅର୍ଥାତ ତାର୍କିକପୂର୍ଣ୍ଣ ବା ତର୍କଯୁକ୍ତ ପୁସ୍ତକ ପ୍ରକାଶ କରିବା ସ୍ଥଳେ" ଆପଣ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ବିତର୍କ ଅଧୀନ ପୁସ୍ତକ ସାଇମନ୍ ରିପୋର୍ଟ ଉପରେ ଆପଣ ର.ଅଙ୍କର ଟିପ୍ପଣୀ ଅର୍ଥାତ୍ ସମାଲୋଚନା ଅଟେ । ତାହା ଇଂରାଜୀ ଭାଷାରେ ଉଲ୍ଲିଖିତ ହୋଇଛି । ତାହାଙ୍କୁ ଅଧ୍ୟୟନ କରିବା ଦ୍ୱାରା ଆପଣ ର.ଅଙ୍କ ସାଧାରଣ ଜ୍ଞାନ ଏବଂ ବିଜ୍ଞତାମୂଳକ ବ୍ୟାପକତା ଓ ବିଦ୍ୱତା ସଂକ୍ରାନ୍ତରେ ଆକଳନ କରାଇଯାଇପାରେ। ଆପଣ ର.ଅଙ୍କ ବର୍ଣ୍ଣନାତ୍ମକ ଶୈଳୀ ଅତ୍ୟନ୍ତ, ସହଜ, ସରଳ, ବୋଧଗମ୍ୟ, ଭାବଗମ୍ଭୀର ତଥା କାଇଲ୍ କଲାବାଲା ଅଟେ। ଆପଣ ର.ଅଙ୍କ ଭାଷା ଶୈଳୀ ଅତ୍ୟନ୍ତ ସାଷ୍ଠୌବ ଏବଂ ଶିଷ୍ଟ ଅଟେ ।"

**(ତାରିଖେ ଅହେମଦିୟତ୍, ଭାଗ-5, ପୃ-219)**

ଇରାକ୍‌ର ପରିସ୍ଥିତି ସଂପର୍କରେ ଅଖିଳ ଭାରତୀୟ ରେଡ଼ିଓ ଷ୍ଟେସନ ଲାହୋରରୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ଭାଷଣ ଦେଲେ ଯାହା ମେ ମାସ 25 ତାରିଖ ଦିନ 1941 ମସିହାରେ ପ୍ରସାରିତ ହୋଇଥିଲା । ତତ୍‌ସଂକ୍ରାନ୍ତରେ ଏହି ରାୟ ରହିଛି ଯେ, ଉକ୍ତ ଭାଷଣର ଆହ୍ୱାନ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଜର୍ମାନୀ ଓ ଇଟାଲୀର ଇରାକ୍ ଉପରେ ଆକ୍ରମଣ ଥିଲା । ଦିଲ୍ଲୀର ବିଖ୍ୟାତ ଶିଖ୍ ସମ୍ବାଦପତ୍ର ରିୟାସତ୍ 2 ଜୁନ୍ 1941 ମସିହାରେ ଏହା ଉପରେ ନିମ୍ନଲିଖିତ ଆଲୋଚନା ପ୍ରଦାନ କରିଥିଲା।

ସେହି ସମ୍ବାଦ ପତ୍ର କହିଲା, "ଦାସ ଜାତି ବା ଦାସତ୍ୱ ଅଧୀନ ଥିବା ରାଷ୍ଟ୍ରଗୁଡ଼ିକର କେୟାରଟେକରର ସବୁଠୁ ଦୁର୍ବଳ ପକ୍ଷ ଏହା ହୋଇଥାଏ ଯେ, ସେମାନଙ୍କର ଚାରିତ୍ରିକ ସତ୍ୟତା ଏବଂ ସେମାନେ ସାହସିକତାରୁ ବଞ୍ଚିତ ହୋଇ ଯାଆନ୍ତି । ଫଳତଃ ସେମାନଙ୍କ ମଧ୍ୟରେ ଚାଟୁକାରୀତା, ମିଥ୍ୟା, ତୋଷାମଦ ଏବଂ କାପୁରୁଷତା ତଥା ଭୀରୁତାର ମନୋଭାବ ବୃଦ୍ଧି ପାଇଥାଏ । ପୁନଶ୍ଚ ଉଦାହରଣ ଦେଇ ସେମ୍ବାଦପତ୍ର କହେ, ଇରାକ୍‌ର ରଶିଦ୍ ଅଲୀ, ବ୍ରିଟେନ ରାଷ୍ଟ୍ର କିମ୍ବା ବ୍ରିଟେନ୍ ପ୍ରଜାର ଦୃଷ୍ଟିକୋଣରୁ ଭୁଲ୍ ମାର୍ଗରେ ହେଉ ଅବା ତା'ର ବ୍ରିଟେନ୍ ଠାରୁ ଯୁଦ୍ଧ କରିବା ଅନୌଚିତ୍ୟ ହେଉ । କିନ୍ତୁ ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ, ଉକ୍ତ ବ୍ୟକ୍ତି ଜଣକ ନିଜ ଦେଶର ରାଜନୈତିକ ସ୍ୱାଧୀନତା ନିମନ୍ତେ ସଂଗ୍ରାମ ଜାରି ରଖିଛି ଏବଂ ଏହାକୁ ସେ ଯେକୌଣସି ମତେ ମଧ୍ୟ ନିଜ ଦେଶର ଦେଶଦ୍ରୋହୀ ଟ୍ରିଟର ବିବେଚିତ କରାଯାଇପାରିବ ନାହିଁ । କିନ୍ତୁ ଆମର ଦାସ ଦେଶର ଅଧିପତି ଏବଂ ନେତାମାନଙ୍କର କେୟାରଟେକର ଦେଖନ୍ତୁ ଯାହା ଇରାକ୍ ରାଷ୍ଟ୍ର ସଂପର୍କରେ ଭାଷଣ ପ୍ରଦାନ କରୁଛି । ରଶିଦ୍ ଅଲୀକୁ ଦେଶଦ୍ରୋହ ବୋଲି କହି ସମ୍ବୋଧନ କରୁଛି । ଯେଉଁ ନେତାମାନେ ଯୁଦ୍ଧ ସଂପର୍କରେ ବିବୃତ୍ତି ଦିଅନ୍ତି ସେ ସର୍ବପ୍ରଥମେ ରଶିଦ୍ ଅଲୀକୁ ଟ୍ରିଟର ବୋଲି ବିବେଚିଚ କରିଥାଏ । ପୁନଶ୍ଚ ସେ ନିଜର ବିବୃତ୍ତିର ବିସ୍‌ମିଲ୍ଲାଃ (ଶୁଭାରମ୍ଭ) କରି ସେହି ରାଷ୍ଟ୍ରର ନେତାମାନଙ୍କୁ କେୟାରଟେକର ଅର୍ଥାତ୍ ମୁସଲମାନ କିମ୍ବା ଭାରତ ସମେତ ଅନ୍ୟ କେତେକଙ୍କୁ ମଧ୍ୟ ଯେଉଁମାନେ ନେତା ଅଟନ୍ତି ସେହି ନେତାମାନଙ୍କର କେୟାରଟେକର ଦାସତ୍ୱ ଯୋଗୁଁ ଏତେ ତଳଖୁ ଖସି ଯାଇଛି ଯେ, ଏହି ଭ୍ରାନ୍ତ ତୋଷାମଦ ଏବଂ ଚାଟୁକାରୀତାକୁ ହିଁ ଦେଶ ତଥା ରାଷ୍ଟ୍ରର ସେବା ବୋଲି ମନେକରୁଛନ୍ତି । ଆମ ରାଷ୍ଟ୍ରର ଅଧିପତି ଏବଂ ନେତାମାନଙ୍କର ଏହି ମୁର୍ଖତାପୂର୍ଣ୍ଣ ତୋଷମଦପଣର ଉପସ୍ଥିତିରେ କାଦିଆନ୍‌ର ଅହେମଦି ଜମାଅତ୍‌ର ଧର୍ମଗୁରୁଙ୍କ ଚାରିତ୍ରିକ ସାହସିକତା, ଆପଣଙ୍କର ଉଚ୍ଚ କେୟାର ଟେକର ଓ ଆପଣ ର.ଅଙ୍କ ସ୍ୱଚ୍ଛ କଥନମୂଳକ ସ୍ପୃହା ଏବଂ ଆନନ୍ଦ ସହକାରେ ଅନୁଭବ କରାଯିବ। ଏହାର ପରିପ୍ରକାଶ ଆପଣ ର.ଅ ବିଗତ ସପ୍ତାହରେ ନିଜ ରେଡ଼ିଓର ଏକ ଭାଷଣରେ କରିଥିଲେ ।" **(ତାରିଖେ ଅହେମଦିୟତ୍, ଭାଗ-8, ପୃ239-244)**

ହୁଜୁର୍ ଅନ୍‌ୱର୍ ଅ. କହିଲେ, ଏହା ଥିଲା ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଜାତିକୁ ଦାସତ୍ୱ ବେଢୀରୁ ମୁକ୍ତ କରିବାର ଏକ ପ୍ରୟାସ ।

ମୌଲାନା ମୁହମ୍ମଦ ଅଲୀ ଜୌହର୍ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ 1878 ମସିହାରେ ଜନ୍ମଗ୍ରହଣ କରିଥିଲେ । 1931 ମସିହାରେ ତାଙ୍କର ବିୟୋଗ ହୋଇଥିଲା । ମହୋଦୟ ରାମପୁର ଠାରେ ଜନ୍ମଗ୍ରହଣ କରିଥିଲେ । କଲିକତାରୁ ସେ ସାପ୍ତାହିକ ଖବର କାଗଜ କାମରେଡ୍ ଜାରି କରିଥିଲେ । ଦିଲ୍ଲୀରେ ହମଦର୍ଦ ନାମକ ଏକ ଉର୍ଦ୍ଦୁ ଖବରକାଗଜ ମଧ୍ୟ ଜାରି କରିଥିଲେ । 1923 ମସିହାରେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ଅଖିଳ ଭାରତୀୟ କଂଗ୍ରେସର ଆପଣ ସଭାପତି ହୋଇଥିଲେ । ଗୋଲ ଟେବୁଲ୍ ବୈଠକରେ ସାମିଲ୍ ହେବା ନିମନ୍ତେ ଲଣ୍ଡନ ଗଲେ । ସେହିଠାରେ ହିଁ ଆପଣ 4 ଜାନୁୟାରୀ 1931 ମସିହାରେ ମୃତ୍ୟୁ ବରଣ କଲେ । **(ମୌଲାନା ମୁହମ୍ମଦ ଜୌହର୍, (ଜୀବନୀ ଓ ସେବା)- ଲେଖକ- ଡ. ନଦିମ୍ ଶଫିକ୍ ମଲକ୍ ସାହେବଙ୍କ ଦ୍ୱାରା ଉଦ୍ଧୃତ, ପୃ-15,30,33 ଏବଂ 41,45,48)**

ପାକିସ୍ତାନ ରାଷ୍ଟ୍ର ଗଠନ, ସଶକ୍ତିକରଣ ଏବଂ ଏହାର ନିର୍ମାଣ ତଥ ବିକାଶର ସମସ୍ତ ପ୍ରକ୍ରିୟାକରଣରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସେବା ଓ ଅବଦାନ ଅତୁଳନୀୟ ଥିଲା । ଆଜି ଏହି ଗୈରଅହେମଦି (ଅଣଅହେମଦିମାନେ) କହୁଛନ୍ତି ଯେ, ଅହେମଦିମାନେ କ'ଣଟା କରିଛନ୍ତି ? ଏକଥା ଖୋଦ୍ (ସ୍ୱୟଂ) ଅଣମୁସଲମାନମାନେ ସ୍ୱୀକାର କରୁଛନ୍ତି ଯେ, ପାକିସ୍ତାନ ଗଠନରେ ଅହେମଦିମାନଙ୍କର ଅନନ୍ୟ ସେବା ଓ ଭୂମିକା ରହିଥିଲା । ମୌଲାନା ମୁହମ୍ମଦ ଅଲୀ ଜୌହର୍ ସାହେବ ଉକ୍ତ ସଂପ୍ରଦାୟରେ ନିଜର ପ୍ରତିକ୍ରିୟା ଏବଂ ଅନୁଭୂତି ହମଦର୍ଦ୍ ସମ୍ବାଦପତ୍ରରେ 26 ସେପ୍ଟେମ୍ବର 1927 ମସିହାରେ ଉଲ୍ଲିଖିତ କରିଥିଲେ । ସେ ଉଲ୍ଲେଖ କରନ୍ତି ଯେ, ଯଦି ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଓ ତାଙ୍କର ଶୃଙ୍ଖଳିତ ତଥା ପରିମାର୍ଜିତ ଜମାଅତ୍‌ର ଚର୍ଚ୍ଚା କେତେକ ପଂକ୍ତିରେ ନକଲେ କୃତଘ୍ନତା ହେବ । ସେ ନିଜର ସମସ୍ତ ଧ୍ୟାନ ନିର୍ବିବାଦ ଆସ୍ଥା ସତ୍ତ୍ୱେ ସମସ୍ତ ମୁସଲମାନମାନଙ୍କର ଉନ୍ନତି ପାଇଁ ଉତ୍ସର୍ଗ କରି ଦେଇଥିଲେ । ଏହି ମହୋଦୟ ବ୍ୟକ୍ତି ବର୍ତ୍ତମାନ ଏକପକ୍ଷରେ ମୁସଲମାନମାନଙ୍କର ରାଜନୈତିକ କ୍ଷେତ୍ରରେ ଅଭିରୁଚି ରଖନ୍ତି । ଅର୍ଥାତ୍ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ଓ ତାଙ୍କର ଜମାଅତ୍ । ଅନ୍ୟ ପକ୍ଷରେ ମୁସଲମାନମାନଙ୍କର ଗୋଷ୍ଠୀ ତବଲିଗ୍ ଏବଂ ବ୍ୟବସାୟ ବାଣିଜ୍ୟରେ ଗଭୀର ଭାବରେ ଉଦ୍ୟମ କରିବାରେ ନିମଜ୍ଜିତ ଅଟନ୍ତି । ଏହା ହେଉଛି ଅହେମଦିମାନଙ୍କର ଭୂମିକା ଏବଂ ଅବଦାନ । ସେହି ସମୟ ଆଉ ବେଶୀ ଦୂର ନୁହେଁ ଯେତେବେଳେ ଇସ୍‌ଲାମ୍ ଧର୍ମର ଉକ୍ତ ସଂପ୍ରଦାୟ ଏକ ବିଶେଷ ପ୍ରକାରର ଆଚରଣଶୈଳୀମୂଳକ ବିପୁଳ ଗୋଷ୍ଠୀ ଇସଲାମ୍ ଧର୍ମ ସକାଶେ  ସାମଗ୍ରିକ ଏବଂ ସେହି ଲୋକମାନଙ୍କ ସକାଶେ ବିଶେଷ କରି ଯେଉଁମାନେ ବିସମିଲ୍ଲାଃର ଗୁମ୍ବଜ ଉପରେ ବସି ଇସ୍‌ଲାମ୍ ଧର୍ମର ସେବାର ଉଚ୍ଚ ସ୍ଲୋଗାନ୍ ଦେବେ ଏବଂ ସେମାନଙ୍କର ଆଭ୍ୟନ୍ତରୀଣ ଦାବିଗୁଡ଼ିକ ଫମ୍ପା ଅଟେ, ତାହା କିପରି ମାର୍ଗର ପ୍ରଦୀପ ସାବ୍ୟସ୍ତ ହୋଇପାରିବ ?

(ତାରିଖେ ଅହେମଦିୟତ୍, ଭାଗ-4, ପୃ-622)

ନେତାମାନେ ବଡ଼ ବଡ଼ ମଞ୍ଚ ଉପରେ ବସି ଫମ୍ପା ଦାବି କରନ୍ତି । ଆମେ ଏମିତି କରିଦେବୁ ସେମିତି କରିଦେବୁ । ସେମାନେ ସମଧର୍ମୀ ନେତା ହୋଇ ପ୍ରକାଶ୍ୟରେ ଉଚ୍ଚ ସ୍ୱର ଉତ୍ତୋଳନ କରିବାର ଦାବି କରନ୍ତି । କିନ୍ତୁ ସେମାନଙ୍କର ସମସ୍ତ ଦାବି ଏବଂ ସମସ୍ତ ଆଭ୍ୟନ୍ତରୀଣ ଅଂଶ ଫମ୍ପା ଅଟେ । ଏହା ଅତ୍ୟନ୍ତ ନିକୃଷ୍ଟ ଧରଣର ଦାବି ଅଟେ। ସେମାନଙ୍କ ପାଇଁ ଏହି ଲୋକମାନେ ମାର୍ଗର ମଶାଲ ସାବ୍ୟସ୍ତ ହେବେ । ସେହି ଦିନ କେବେ କେବେ ଆସିବ ଦେଖିନେବ । ଏ ହେଉଛି ନ୍ୟାୟପ୍ରିୟ ବିଦ୍ୱାନ୍‌ମାନଙ୍କର ରାଏ । ଆଜିକାଲିକା ବିଦ୍ୱାନ୍‌ମାନେ ଯେଉଁମାନେ ଅହେମଦିମାନଙ୍କୁ ପାକିସ୍ତାନ ଏବଂ ଇସ୍‌ଲାମ୍ ଧର୍ମର ଶତ୍ରୁ ବୋଲି କହୁଛନ୍ତି ସେମାନଙ୍କୁ ଏହି ଆଇନାରେ ନିଜର ଚେହେରାକୁ ଦେଖିବା ଉଚିତ୍ କି ଇସ୍‌ଲାମ୍ ଧର୍ମର ବେଦନା ଅହେମଦିମାନେ ରଖୁଛନ୍ତି ନା ଏହି ନାମକୁ ମାତ୍ର ବିଦ୍ୱାନମାନେ ରଖୁଛନ୍ତି ?

ସୟେଦି ହବିବ୍ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ଆପଣ 1891 ମସିହାରେ ଜନ୍ମଗ୍ରହଣ କରିଥିଲେ । ଉର୍ଦ୍ଦୁର ଜଣେ ବିଖ୍ୟାତ ସାହିତ୍ୟିତ ତଥା ଅନନ୍ୟ ସମ୍ବାଦ ଲେଖକ ଥିଲେ । ସେ "ଫୁଲ୍ ଔର୍ ତେହ୍‌ଜିବେ ନିସ୍ୱାଁ"ର ସମ୍ପାଦକ ରୂପେ ନିଯୁକ୍ତ ହୋଇଥିଲେ । ସମ୍ବାଦ ପତ୍ର "ନକ୍କାସ୍" ଏବଂ ପୁନଶ୍ଚ "ସିୟାସତ୍ ଓ ଦୈନିକ "ଗାଜି" ଖବର କାଗଜ ଜାରି କରିଥିଲେ । ଅତ୍ୟନ୍ତ ନିର୍ଭୀକ ଖବର କାଗଜ ଲେଖକ ଥିଲେ । 1951 ମସିହାରେ ତାଙ୍କର ବିୟୋଗ ହୋଇଥିଲା ।

**(ୟାରାନେ କୁହନ୍, ଲେଖକ- ଅବ୍‌ଦୁଲ୍ ମଜିଦ୍ ସାଲିକ, ପୃ-189-200ରୁ ଉଦ୍ଧୃତ, ସୈୟେଦ୍ ହବିବଙ୍କ ଅନୁଯାୟୀ)**

ଅଖିଳ ଭାରତୀୟ କାଶ୍ମୀର କମିଟି ଯାହାର ମୁଳଦୁଆ 25 ଜୁଲାଇ 1931 ମସିହାରେ ହୋଇଥିଲା । ଯେତେବେଳେ ହ. ମୁସଲେହ୍ ମଉଦ୍ ର.ଅ ଉକ୍ତ କମିଟିର ସଭାପତି ପଦରୁ ଇସ୍ତଫା ଦେଇଦେଲେ । ପ୍ରାରମ୍ଭରେ ଯେତେବେଳେ କମିଟି ଗଠିତ ହୋଇଥିଲେ ସେତେବେଳେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ସମସ୍ତ ମୁସଲମାନମାନଙ୍କ ପକ୍ଷରୁ ସର୍ବସମ୍ମତି କ୍ରମେ ସଭାପତି ରୂପେ ମନୋନୀତ କରାଯଇଥିଲା । ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକଦା ସେହି କମିଟିର ସଭାପତି ପଦରୁ ଇସ୍ତଫା ଦେଇଦେଲେ ତେବେ ସୈୟେଦ୍ ହବିବ୍ ସାହେବ ନିଜର "ସିୟାସତ" ନାମକ ସମ୍ବାଦପତ୍ର ଲାହୋରର ପ୍ରକାଶନ ତା- 18 ମେ 1933 ମସିହାରେ ଉଲ୍ଲେଖ କଲେ, "ମୋ ଜାଣିବାରେ ନିଜର ସାମର୍ଥ୍ୟତା ସତ୍ତ୍ୱେ ଡକ୍ଟର ଇକବାଲ୍ ସାହେବ ଅର୍ଥାତ୍ ଡକ୍ଟର ଅଲ୍ଲାମା ଇକ୍‌ବାଲ ସାହେବ ଓ ମଲକ୍ ବର୍କତ୍ ଅଲୀ ସାହେବ ଦୁହେଁ ଉକ୍ତ କାର୍ଯ୍ୟକୁ ସୁଚାରୁ ରୂପେ ଜାରି ରଖିପାରିବେ ନାହିଁ ଏବଂ ଏହିପରି ଭାବରେ ସଂସାରବାସୀଙ୍କ ସମ୍ମୁଖରେ ଏହା ସ୍ୱଷ୍ଟ ହୋଇଯିବ ଯେ, ଯେଉଁ କାଳରେ କାଶ୍ମୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ସଂକଟାପନ୍ନ ଥିଲା ସେହି କାଳରେ ଲୋକମାନଙ୍କର ମତଭେଦ ସତ୍ତ୍ୱେ ଯେଉଁମାନେ ମିର୍ଜା ସାହେବଙ୍କୁ ସଭାପତି ରୂପେ ମନୋନୀତ କରିଥିଲେ । ସେମାନେ କାର୍ଯ୍ୟର ସାଫଲ୍ୟତକୁ ଦୃଷ୍ଟିରେ ରଖି ସର୍ବୋତ୍ତମ ଚୟନ କରିଥିଲେ । ସେତେବେଳେ ଯଦି ଆସ୍ଥା ତଥା ବିଶ୍ୱାସ ଯୋଗୁଁ ମିର୍ଜା ସାହେବଙ୍କୁ ମନୋନୀତ କରାଯାଇ ନଥାଆନ୍ତା ତାହାହେଲେ ଏହି ଆନ୍ଦୋଳନ ସଂପୂର୍ଣ୍ଣ ରୂପେ ବିଫଳ ରହିଥାଆନ୍ତା ଏବଂ ମୃତ ତଥା ସ୍ୱର୍ଗତ ଜାତିକୁ ବହୁତ କ୍ଷତି ସହ୍ୟ କିରବାକୁ ପଡ଼ିଥାନ୍ତା ।" ମୋ ମତରେ ମିର୍ଜା ସାହେବଙ୍କ ପୃଥକତା ମୃତ୍ୟୁର ପରିପନ୍ଥୀ ଅଟେ । ସଂକ୍ଷେପରେ କହିବାକୁ ଗଲେ ଯେ, ଆମର ଚୟନର ଔଚିତ୍ୟତା ବର୍ତ୍ତମାନ ସଂସାର ଉପରେ ସ୍ୱଷ୍ଟ ହୋଇଯିବ ।

**(ମାସିକ୍ ଖାଲିଦ୍, ସୈୟେଦିନା ହ. ମୁସ୍‌ଲେହ୍ ମଉଦ୍ ନଂ- ଜୁନ୍- ଜୁଲାଇ- 2008 ମସିହା, ପୃ-323-324)**

ବର୍ତ୍ତମାନ ଜଣା ପଡ଼ିଯିବ ଯେ, ମିର୍ଜା ସାହେବ କ'ଣ କାର୍ଯ୍ୟ କରିଥିଲେ ଏବଂ ଡା. ଅଲ୍ଲାମା ଇକ୍‌ବାଲ୍ ସାହେବ କ'ଣ କାର୍ଯ୍ୟ କରିବେ ଓ ତାଙ୍କର କମିଟି ଯାହାକି ତାଙ୍କ ବ୍ୟତୀତ କ'ଣ କାର୍ଯ୍ୟ କରିବ । ପୁନଶ୍ଚ ସଂସାର ଦେଖିନେଲା ଯେ, କ'ଣ ହେଲା ? ସବୁକିଛି ସମ୍ମୁଖରେ ରହିଛି । ଆପଣ ର.ଅ ଉକ୍ତ କାର୍ଯ୍ୟ କାହିଁକି କଲେ? ଏହା ଏଇଥିପାଇଁ ଯେ, ଆପଣ ର.ଅଙ୍କ ମନରେ ଦାସତ୍ୱ ବେଢୀରେ ବନ୍ଧା ଥିବା ଏବଂ କାରାବରଣ ଦଣ୍ଡ ଭୋଗୁଥିବା କଏଦୀ ତଥା ଦେଶମାନଙ୍କ ପ୍ରତି ନିଜ ମନରେ ବେଦନା, ବ୍ୟଥା, ସହାନୁଭୂତି ରହିଥିଲା । ତେଣୁ ଆପଣ  ର.ଅ ଏହାର କାରଣ ସାଜିଥାଆନ୍ତେ । ଆପଣ ର.ଅ ସଭାପତିତ୍ୱ ପଦ ତ୍ୟାଗ କରି ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ମଧ୍ୟ ଆପଣ ର.ଅ କମିଟିରେ କାର୍ଯ୍ୟ କରିଥିଲେ । କିନ୍ତୁ ଏହି ବ୍ୟଥା ତଥା ବେଦନା ଯୋଗୁଁ ପଛରେ ରହି ଯଥାସମ୍ଭବ ସାହାଯ୍ୟ ଯାହା ଆପଣ ର.ଅ କରିପାରି ଥାଆନ୍ତେ ତହା ଆପଣ କଲେ ଓ ଇତିହାସ ଏହାର ସାକ୍ଷୀ ଅଟେ ।

ପୁନଶ୍ଚ ମୌଲାନା ଅବ୍‌ଦୁଲ୍  ମାଜିଦ୍ ଦରିୟାବାଦି ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ 1892 ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଭାରତର ଜଣେ ଉର୍ଦ୍ଦୁ ଲେଖକ, ସାହିତ୍ୟିକ, ଗବେଷକ ଏବଂ ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟାକର ଥିଲେ । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବିୟୋଗରେ ମୌଲାନା ଅବ୍‌ଦୁଲ୍ ମାଜିଦ୍ ସାହେବ ନିଜର ଖବର କାଗଜ "ସିଦ୍‌କେ ଜଦିଦ୍" ଲକ୍ଷ୍ନୌର ତା-18 ନଭେମ୍ବର 1965 ମସିହାର ପ୍ରକାଶନରେ ଉଲ୍ଲେଖ କଲେ ଯେ, ତାଙ୍କର ଅନ୍ୟ ଆସ୍ଥା ଓ ବିଶ୍ୱାସ ଯେମିତି ବି ଥାଉ ନା କାହିଁକି ସେମାନଙ୍କ ପରି ପବିତ୍ର କୁରଆନୀୟ ଜ୍ଞାନର ଆନ୍ତର୍ଜାତିକ ପ୍ରକାଶନ ଏବଂ ତାହାର ସଂସାରକୁ ଧାରଣ କରିପାରୁଥିବା ପ୍ରଚାରରେ ଯେଉଁ ଉଦ୍ୟମ ସେ କରିଛନ୍ତି ଏବଂ ଦୃଢ ସଂକଳ୍ପ ମାଧ୍ୟମରେ ନିଜର ଦୀର୍ଘ ଜୀବନରେ ଜାରି ରଖିଲେ ଏହାର ପ୍ରତିବଦଳ ଏବଂ ପ୍ରତିଦାନ ଅଲ୍ଲାଃତାଲା ତାଙ୍କୁ ଅବଶ୍ୟ ପ୍ରଦାନ କରିବେ । ମହୋଦୟ ସ୍ୱୟଂ ଜଣେ ବ୍ୟାଖ୍ୟାକରା ଅଟନ୍ତି ଏବଂ ସେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଉକ୍ତ କଥା ବର୍ଣ୍ଣନା କରୁଛନ୍ତି  ଏବଂ ତାଙ୍କର ସେବା ଯୋଗୁଁ ତାଙ୍କ ପ୍ରତି ଅଲ୍ଲାଃତାଲା କ୍ଷମାଚାରଣ ପ୍ରଦର୍ଶନ କରନ୍ତୁ । ସେ ଯାହା ହେଉ ଆଗକୁ ଉଲ୍ଲେଖ କରନ୍ତି ଯେ, ଜ୍ଞାନଭିତ୍ତିକ ଦୃଷ୍ଟିରୁ ପବିତ୍ର  କୁରଆନ୍ କରୀମର ସତ୍ୟତା, ପରିଚୟ, ତତ୍ତ୍ୱର ଯେଉଁ ସ୍ୱଷ୍ଟ ବ୍ୟାଖ୍ୟା ଏବଂ ଅନୁବାଦ କାର୍ଯ୍ୟ ଆପଣ ର.ଅ କରିଯାଇଛନ୍ତି ତାହାର ମଧ୍ୟ ଏକ ଉଚ୍ଚ ଏବଂ ଅନନ୍ୟ ମର୍ଯ୍ୟାଦା ରିହଛି।

**(ମାସିକ୍ ଅନ୍‌ସାରୁଲ୍ଲାଃ, ହ. ମୁସ୍‌ଲେହ୍ ମଉଦ୍ ନଂ, ମେ-ଜୁନ୍-ଜୁଲାଇ-2009 ମସିହା, ପୃ-879ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଜଣେ  ମୁସଲମାନ ଅଟନ୍ତି ସେ ସ୍ୱୟଂ ଏକଥା ସ୍ୱୀକାର କରୁଛନ୍ତି ଯେ, ଜ୍ଞାନଭିତ୍ତିକ ଦୃଷ୍ଟିରୁ ପବିତ୍ର କୁରଆନୀୟ ସତ୍ୟତା, ପରିଚୟ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ତଥା ତତ୍ତ୍ୱର ଯେଉଁ ସ୍ପଷ୍ଟ, ସାଷ୍ଟୌବ ବ୍ୟଖ୍ୟା, ଅନୁବାଦ କାର୍ଯ୍ୟ ଆପଣ ର.ଅ କରିଯାଇଛନ୍ତି ତାହାର ମର୍ଯ୍ୟାଦା ଅତ୍ୟନ୍ତ ଉଚ୍ଚ ଏବଂ ଅନନ୍ୟ ଅଟେ । ବିଶ୍ୱାସଜନିତ ମତଭେଦ ସତ୍ତ୍ୱେ ସେ ନିଜକୁ ସତ୍ୟ ମାର୍ଗ ଉପରେ ପ୍ରତିଷ୍ଠିତ ଥିବା ବୋଲି ମନେ କରୁଥିବେ । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପବିତ୍ର କୁରଆନ୍ କରୀମ୍‌ର ସେବା ଏବଂ ଇସ୍‌ଲାମ୍‌ର ପ୍ରଶଂସା କରିବା ଛଡ଼ା ସେ ରହିପାରିଲେ ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଯେତେବେଳେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଭବିଷ୍ୟବାଣୀରେ କହିଥିଲେ ଯେ, ଆପଣ ର.ଅ ପ୍ରକାଶ୍ୟଗତ ଜ୍ଞାନ ଏବଂ ଆଭ୍ୟନ୍ତରୀଣ ଜନିତ ଜ୍ଞାନ ଦ୍ୱାର ପରିପୂର୍ଣ୍ଣ ହେବେ । ଏହି ପ୍ରତିଶୃତି ଅଲ୍ଲାଃତାଲା କରିଥିଲେ । ତେବେ କିଏ ସେହି ବ୍ୟକ୍ତି ଯିଏ ଆପଣ ର.ଅଙ୍କ ପରି ପରିଚୟ ଏବଂ ତତ୍ତ୍ୱ ନିଜ ସମୟରେ କହିପାରି ଥାଆନ୍ତା ? ବରଂ ଆଗାମୀ ବଂଶଧରମାନେ ମଧ୍ୟ ଆପଣ ର.ଅଙ୍କ ଜ୍ଞାନ ଦ୍ୱାରା ହିଁ ଗୁଚ୍ଛ ଗୋଟାଇବେ (ଅର୍ଥାତ୍ ଉପକୃତ ହେବେ) ସେତେବେଳେ ସେମାନେ ସଠିକ୍ ମାର୍ଗରେ ଆଗ୍ରସର ହେବେ ।

ଡା. ମୁହମ୍ମଦ୍ ଇକ୍‌ବାଲ୍ ସାହେବ୍ । ତାଙ୍କ ସଂପର୍କରେ ଜମାଅତ୍ ବିରୁଦ୍ଧରେ ଅନେକ କଥାର ଚର୍ଚ୍ଚା ହେଉଥିଲା । କିନ୍ତୁ ତାଙ୍କର ଏହି କଥାଗୁଡ଼ିକ ମଧ୍ୟ ରେକର୍ଡ଼ରେ ମହଜୁଦ୍ ରହିଛି । ମାର୍ଚ୍ଚ ମାସ 24 ତାରିଖ 1927 ମସିହାରେ ଲାହୋରରେ ଏକ ଜଲ୍‌ସା ଆୟୋଜିତ ହୋଇଥିଲା ଯହିଁରେ ଅଲ୍ଲାମା ଇକ୍‌ବାଲ୍ ସାହେବ ସଭାପତିତ୍ୱ କିରଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ସେଠାରେ ଭାଷଣ ଦେଇଥିଲେ । ଏତଦ୍‌ପରେ ଅଲ୍ଲାମା ସାହେବ କହିଲେ: ଏଭଳି ଜ୍ଞାନ ତଥା ତଥ୍ୟଭିତ୍ତିକ ଭାଷଣ ଅନେକ କାଳ ପରେ ଲାହୋରରେ ଶୁଣିବାକୁ ମିଳିଛି । ବିଶେଷ କରି ପବିତ୍ର କୁରଆନ୍ କରୀମ୍‌ର ଆୟତରୁ ମିର୍ଜା ସାହେବ ଯାହା ପ୍ରମାଣିତ କରିଛନ୍ତି ତାହା ଅତି ଉତ୍ତମ ଅଟେ । ମୁଁ ନିଜର ଭାଷଣକୁ ଅଧିକ ସମୟ ପର୍ଯ୍ୟନ୍ତ ଜାରି ରଖି ପାରିବି ନାହିଁ। କାରଣ ମୁଁ ଉକ୍ତ ଭାଷଣ (ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭାଷଣ)ରୁ ଯେଉଁ ଆନନ୍ଦ ଏବଂ ସ୍ୱାଦ ଆସ୍ୱାଦନ କଲି ତାହା ଯେପରି ଉଭେଇ ନଯାଉ ।

**(ଅଲ୍ ଫଜଲ୍, 15 ଫେବୃୟାରୀ, 1999 ମସିହା ପୃ-6)**

ସୈୟେଦ୍ ଅବ୍‌ଦୁଲ୍ କାଦିର ସାହେବ ନାମକ ଜଣେ ଇତିହାସର ପ୍ରଫେସର ଥିଲେ । ସେ ଲାହୋର କଲେଜ (ମହାବିଦ୍ୟାଳୟ)ର ପ୍ରିଂସିପାଲ (ଅଧକ୍ଷ) ଥିଲେ। ହ. ମୁସ୍‌ଲେହ୍ ମଉଦ୍ ର.ଅ 1919 ମସିହାରେ "ଇସଲାମ୍ ମେଁ ଇଖତିଲାଫାତ୍ କା ଆଗାଜ୍" ନାମରେ ଏକ ଭାଷଣ ଦେଇଥିଲେ । ଉକ୍ତ ଭାଷଣଟି ଅତ୍ୟନ୍ତ ଯୁଗାନ୍ତକାରୀ ତଥା ବିପ୍ଲୈବକାରୀ ଭାଷଣ ଥିଲା । ତହିଁରେ ପ୍ରିଂସିପାଲ୍ ମହୋଦୟ ସଭାପତିତ୍ୱ କରୁଥିଲେ । ସଭାପତିତ୍ୱ ଉଦ୍‌ବୋଧନରେ ସୈୟେଦ୍ ଅବ୍‌ଦୁଲ୍ କାଦିର୍ ସାହେବ ବର୍ଣ୍ଣନା କଲେ ଯେ, ଯୋଗ୍ୟ ପିତାଙ୍କର ସୁଯୋଗ୍ୟ ସନ୍ତାନ ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦଙ୍କ ନାମ ହିଁ ଉକ୍ତ କଥାର ପ୍ରତିଭୂ ଅଟେ ଯେ, ଉକ୍ତ ଭାଷଣଟି ଅତ୍ୟନ୍ତ ଜ୍ଞାନଭିତ୍ତିକ ଭାଷଣ ଅଟେ । ମୋତେ ମଧ୍ୟ ଇସ୍‌ଲାମୀୟ ଇତିହାସ ସଂକ୍ରାନ୍ତରେ ସେତେଟା ଜ୍ଞାନ ନାହିଁ ଏବଂ ମୁଁ ବିଶ୍ୱାସର ସହିତ ଏବଂ ଦାବି କରି ଏହା କହିପାରିବି ଯେ, ମୁସଲମାନମାନେ ଏବଂ ଅଣମୁସଲମାନମାନଙ୍କ ମଧ୍ୟରୁ ଖୁବ୍ ସ୍ୱଳ୍ପ ବ୍ୟକ୍ତି ଏବଂ ସ୍ୱଳ୍ପ ଇତିହାସବିତ୍ ଅଟନ୍ତି ଯେଉଁମାନେ ହ. ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ ଶାସନକାଳର ଗହ୍ୱର ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି । ଉକ୍ତ ବିନାଶକ ଏବଂ ପ୍ରଥମ ଗୃହ ଯୁଦ୍ଧର ଉପଦ୍ରବର କାରଣଗୁଡ଼ିକୁ ହୃଦୟଙ୍ଗମ କରିବାରେ ସଫଳ ହୋଇଛନ୍ତି । ହ. ମିର୍ଜା ସାହେବଙ୍କୁ ନା କେବଳ ଗୃହଯୁଦ୍ଧର ଉପଦ୍ରବ ସଂପର୍କରେ ବୁଝିବାରେ ସଫଳ ହୋଇଛନ୍ତି ବରଂ ଆପଣ ର.ଅ ଅତ୍ୟନ୍ତ ସ୍ୱଷ୍ଟ ଏବଂ ନିରନ୍ତର ଢଙ୍ଗରେ ସେହି ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କରିଛନ୍ତି ଯଦ୍ଦ୍ୱାରାକି ଖିଲାଫତ୍‌ର ପ୍ରାସାଦ ଦୀର୍ଘକାଳ ଧରି ଦୋଳାୟମାନ ଓ ଦୋଦୁଲ୍ୟମାନ ଅବସ୍ଥାରେ ରହିଥିଲା। ମୋ ବିଚାରରେ ଏଭଳି ସପ୍ରାମାଣ୍ୟଭିତ୍ତିତ ବିଷୟବସ୍ତୁ ଇସ୍‌ଲାମୀୟ ଇତିହାସ ସହିତ ଅଭିରୁଚି ରଖୁଥିବା ଲୋକମାନଙ୍କ ଦୃଷ୍ଟିରେ ପୂର୍ବେ ଅତିକ୍ରାନ୍ତ ହୋଇ ନଥିବ ଓ ପୂର୍ବେ କେବେ ଅତିକ୍ରାନ୍ତ ହୋଇ ନାହିଁ ।

**(ଅଲ୍‌ଫଜଲ୍, 15 ଫେବୃୟାରୀ-2002 ମସିହା, ପୃ-13ରୁ ଉଦ୍ଧୃତ)**

ଭାରତର ମନ୍ତ୍ରୀ ଏଡ଼୍‌ୱିନ୍ ସାମୁଏଲ ମଣ୍ଟେଗୁ (Edwin samuel Montagu) ଭାରତର ସମସ୍ତ ପ୍ରସଙ୍ଗର ଦାୟିତ୍ୱ ବ୍ରିଟେନ୍ ସଂସଦରେ ସେକ୍ରାଟାରୀ (ସଚିବ) ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ହେଉଥିଲେ । ଯେତେବେଳେ ମହୋଦୟ ଇଣ୍ଡୋ ପାକିସ୍ତାନ କିମ୍ବା ସବକଣ୍ଟିନେଣ୍ଟ (Subcontinent) (ଉପଦ୍ୱୀପ) ବ୍ରିଟିଶ୍ ସରକାର ଅଧୀନ ଥିଲା । ସେତେବେଳେ ସାମୁଏଲ୍ ମଣ୍ଟେଗୁ ଭାରତର ଯେଉଁ ପ୍ରସଙ୍ଗ ରହିଥିଲା ତନ୍ମଧ୍ୟରେ ବ୍ରିଟିଶ୍ ସଂସଦରେ ସେକ୍ରେଟାରୀ ଅଫ୍ ଷ୍ଟେଟ ଫର୍ ଇଣ୍ଡିଆ ଭାବରେ ଦାୟିତ୍ୱ ତୁଲାଉଥିଲେ । 1917 ଏବଂ 1918 ମସିହାରେ ମହୋଦୟ ଉକ୍ତ ପଦରେ ଅଧିଷ୍ଠିତ ଥିଲେ । ସେହି ଦିନମାନଙ୍କରେ ଭାରତର ସ୍ଥିତାବସ୍ଥାର ସମୀକ୍ଷା କିରବା ପାଇଁ ସେ ଭାରତର ଗସ୍ତରେ ଆସିଥିଲେ। ହ. ମୁସ୍‌ଲେହ୍ ମଉଦ୍ ର.ଅ ଇତ୍ୟବସରରେ ଭାରତର ପ୍ରସଙ୍ଗକୁ ମାର୍ଜିତ ଏବଂ ସମାଧାନ କରିବା ଦିଗରେ ଏକ ସ୍ୱଷ୍ଟ ଏବଂ ବିସ୍ତୃତ ମାର୍ଗଦର୍ଶନ ମହୋଦୟ ଅର୍ଥାତ ଭାରତର ମନ୍ତ୍ରୀଙ୍କ ନାମରେ ଏକ ସମ୍ବୋଧନ ଆକାରରେ ପ୍ରେରଣ କଲେ । ମହୋଦୟ ଭାରତର ମନ୍ତ୍ରୀ ମଧ୍ୟ ଥିଲେ । ଉକ୍ତ ସମ୍ବୋଧନ ତାଙ୍କୁ ଲାହୋର ଠାରେ ଉପସ୍ଥାପିତ କରାଗଲା ଯାହାକୁ ହ. ସର୍ ଜଫ୍ରୁଲ୍ଲାଃ ଖାଁ ସାହେବ ପାଠ କରି ଶୁଣାଇଥିଲେ । ହୁଜୁର ସ୍ୱୟଂ ମଧ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ଏବଂ ତାଙ୍କୁ ମାର୍ଗଦର୍ଶକାରୀ ଭାବରେ ସମ୍ମାନିତ ମଧ୍ୟ କଲେ । ମଣ୍ଟେଗୁ ସାହେବ ସେହି ସମ୍ବୋଧନ ଏବଂ ଏହାର ଅବସ୍ଥା ନିଜର ଡାଏରୀ (ଦିନଲିପି)ରେ ଉଲ୍ଲେଖ କଲେ ଯାହାକି ତାଙ୍କ ବିୟୋଗ ପରେ An Indian Dairy ନାମରେ ପ୍ରକାଶିତ ହୋଇଛି । ସେ ନଭେମ୍ବର ମାସ 15 ତାରିଖ 1917 ମସିହାରେ ଉକ୍ତ କଥାକୁ ଦରଜ୍ (ଉଲ୍ଲେଖ) କରିଥିଲେ । ଚତୁର୍ଥ ପ୍ରତିନିଧି ଦଳ ଅହେମଦିମାନଙ୍କର ଥିଲା ଯେକି ମୁସଲମାନମାନଙ୍କର ଗୋଟିଏ ଗୋଷ୍ଠୀ ଅଟେ । ଏମାନେ ମୁସଲମାନ ଅଟନ୍ତି ଏବଂ ମାନବିକତା ଏକତା ଉପରେ ବିଶ୍ୱାସ ରଖନ୍ତି ଏବଂ ସମସ୍ତ ଅବତାରମାନଙ୍କ ଉପରେ ବିଶ୍ୱାସ ଆଣନ୍ତି । ସେ ଦୀର୍ଘ ଦସ୍ତାବିଜ ପାଠ କରି ଶୁଣାଇଲେ ଯାହାକି ତାଙ୍କର ହୁଜୁରଙ୍କ ଦ୍ୱାରା ଲିଖିତ ଏବଂ ଲେଖନୀ ଅଟେ । ଉକ୍ତ ଦସ୍ତାବିଜ୍ ଅନ୍ୟ ଦସ୍ତାବିଜ୍ ତୁଳନାରେ ସର୍ବୋତ୍ତମ ଥିଲା । ଏହା ଆମ ସମ୍ମୁଖରେ ଉପସ୍ଥାପିତ କରାଗଲା । ଉକ୍ତ ଦସ୍ତାବିଜ୍‌ର ପ୍ରସ୍ତାବ ଏଗଜିକ୍ୟୁଟିଵ୍ କାଉନସିଲ୍‌ର ସଦସ୍ୟଙ୍କ ଚୟନ ସଂପର୍କିତ ଏବଂ ଆଇନ ପ୍ରଣୟନ ସଂପର୍କିତ ସମସ୍ତ ପ୍ରତିନିଧି ଦଳ ଠାରୁ ଉତ୍କୃଷ୍ଟ, ଉତ୍ତମ ଏବଂ ଅତ୍ୟନ୍ତ ଚିନ୍ତା ତଥା ବିଚାର ବିମର୍ଷ କରିବା ପରେ ଅତ୍ୟନ୍ତ ବୁଦ୍ଧି ବିବେକ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

ତାଙ୍କର ଶେଷାର୍ଦ୍ଧ ଟିପ୍ପଣୀର ପ୍ରକୃତ ଶବ୍ଦାବଳୀ ଏହିପରି ଅଟେ ଯେ, He has good mind and carefully thought out his constitutional scheme . **(ଅଲ୍ ଫଜଲ୍ ଇଣ୍ଟରନେସନାଲ୍, 27-18 ଫେବୃୟାରୀ 2020 ମସିହା ପୃ-54, ବିଶେଷ ପ୍ରକାଶନ, ୟୌମେ ମୁସ୍‌ଲେହ୍ ମଉଦ୍ ଅବସରରୁ ଉଦ୍ଧୃତ)**

ତାଙ୍କର ବୁଦ୍ଧି ଅତ୍ୟନ୍ତ ପ୍ରଖର ସ୍ତରୀୟ ଅଟେ ଏବଂ ଅତ୍ୟନ୍ତ ସତର୍କତା ଏବଂ ଗହ୍ୱରତା ଦ୍ୱାରା ସେ ଏକ ଆଇନୀୟ ଯୋଜନା ପ୍ରସ୍ତୁତ କରି ପ୍ରଦାନ କରିଥିଲେ। ଏହି ବ୍ୟକ୍ତି ଜଣକ ଶିକ୍ଷିତ, ଅଭିଜ୍ଞ ରାଜନୈତିକ ନେତୃବୃନ୍ଦଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି। ସେ (ମଣ୍ଟେଗୁ) ସାଂସାରିକ ଶିକ୍ଷା ପ୍ରାପ୍ତ ନକରିଥିବା ବ୍ୟକ୍ତି ସଂପର୍କରେ କହୁଛି । ଏପରି କାହିଁକି ନହେବ ଯେ, ଉକ୍ତ ଭବିଷ୍ୟବାଣୀରେ ଉଲ୍ଲେଖ ରହିଛି ଅଲ୍ଲାଃତାଲା ସେହି ବ୍ୟକ୍ତିକୁ (ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ) ପ୍ରକାଶ୍ୟଗତ ଜ୍ଞାନ ଏବଂ ଅପ୍ରକାଶ୍ୟଗତ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ମଧ୍ୟ କରିବେ ଏବଂ କରିଛନ୍ତି ମଧ୍ୟ ।

ଚୌଧୁରୀ ମୁହମ୍ମଦ ଅକବର ଖାଁ ଭଟ୍ଟି ସାହେବ ନାମକ ଜଣେ ଉଚ୍ଚ ନ୍ୟାୟାଳୟର ଓକିଲ ଅଟନ୍ତି । ସେ କୁହନ୍ତି:" ଏଠାରେ ଏକ ଘଟଣାର ଚର୍ଚ୍ଚା କରିବା ସଠିକ୍ ସ୍ଥାନ ହେବ ନାହିଁ । 'ପାରସ୍' ନାମକ ଏକ ସାପ୍ତାହିକ ପତ୍ରିକା ଥିଲା । ସେହି ପତ୍ରିକାର ସମ୍ପାଦକ ଲାଲା କରମ୍ ଚାନ୍ଦ୍ ଏକଦା ସମ୍ବାଦ ପତ୍ର ଲିଖନକାରୀ ପ୍ରତିନିଧି ମଣ୍ଡଳୀଙ୍କ ସହିତ କାଦିଆନ୍‌ର ଜଲସା ସାଲାନାରେ ସାମିଲ୍ ହେଲେ । ସେଠାରୁ ଫେରିଆସି ଗୋଟିଏ ପରେ ଗୋଟିଏ ଅନେକ ବିଷୟବସ୍ତୁ ସଂପର୍କରେ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବଙ୍କ ନେତୃତ୍ୱ, ବୌଦ୍ଧିକତା, ବ୍ୟକ୍ତିତ୍ୱତାର ଚର୍ଚ୍ଚା ଏପରି ଢଙ୍ଗରେ କଲେ ଯେ, ବିରୋଧୀମାନଙ୍କ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି ହୋଇଯାଇଥିଲା । ସେ ସ୍ୱୟଂ ମୋତେ କହିବାକୁ ଲାଗିଲେ, ଆମେ ତ' ଜଫ୍ରୁଲ୍ଲାଃ ସାହେବଙ୍କୁ ବଡ଼ ବ୍ୟକ୍ତି ବୋଲି ଭାବୁଥିଲୁ । (ଚୌଧୁରୀ ସର୍ ଜଫ୍ରୁଲ୍ଲାଃ ସେହି ଦିନମାନଙ୍କରେ ଭାଇସ୍‌ରାଏର ଏଗଜୁକ୍ୟୁଟିବ କାଉନସିଲ୍‌ର ସଦସ୍ୟ ଥିଲେ।) କିନ୍ତୁ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ସାହେବଙ୍କ ସମ୍ମୁଖରେ ତାଙ୍କର ଅସ୍ତିତ୍ୱ ଅର୍ଥାତ୍ ସର ଜଫ୍ରୁଲ୍ଲାଃ ଖାଁ ସାହେବଙ୍କ ଅସ୍ତିତ୍ୱ ବିଦ୍ୟାଳୟର ଏକ ଛାତ୍ର ପରି । ସେ ପ୍ରତ୍ୟେକ ପ୍ରସଙ୍ଗରେ ତାଙ୍କ ଠାରୁ ସର୍ବାଧିକ ଉତ୍ତମ ମତ ପ୍ରକାଶର ଅଧିକାରୀ ଅଟନ୍ତି । ଅର୍ଥାତ ହ. ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ ପ୍ରତ୍ୟେକ ପ୍ରସଙ୍ଗରେ ଓ ପ୍ରତ୍ୟେକ କ୍ଷେତ୍ରରେ ଚୌଧୁରୀ ସର୍ ଜଫ୍ରୁଲ୍ଲାଃ ଖାଁ ସାହେବଙ୍କ ତୁଳନାରେ ସର୍ବାଧିକ ଉତ୍ତମ ମତ ପ୍ରଦାନକାରୀର ଅଧିକାରୀ ଅଟନ୍ତି ଏବଂ ସର୍ବୋତ୍କୃଷ୍ଟ ପ୍ରମାଣ ଉପସ୍ଥାପିତ କରୁଛନ୍ତି । ତାଙ୍କ ମଧ୍ୟରେ ( ହ. ମୁସ୍‌ଲେହ୍ ମୁଦ୍ ର.ଅଙ୍କ) ଅସୀମ ନେତୃତ୍ୱ ନେବାର ସାମର୍ଥ୍ୟତା ରହିଛି । ଏପରି

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ବ୍ୟକ୍ତି ଅତି ସହଜରେ କୌଣସି କୌଣସି ରାଜ୍ୟ ତଥା ରାଷ୍ଟ୍ରକୁ ଶୀର୍ଷ ପର୍ଯ୍ୟନ୍ତ ନେଇ ଯାଇପାରିବ.........ଦେଶ ବିଭାଜନ ପରେ ମିର୍ଜା ବଶୀରୁଦ୍ଦୀନ ମେହମୁଦ୍ ଅହେମଦ ସାହେବ ଲାହୋର କଲେଜ୍ ରେ ରାଷ୍ଟ୍ରର ବିକାଶର ସମ୍ଭାବ୍ୟତା ଉପରେ କେତେକ ଭାଷଣ ଦେଇଥିଲେ। ସେହି ଭାଷଣ ମଧ୍ୟରେ ସେ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟାପକଙ୍କ ପରି ମାନଚିତ୍ର, ବ୍ଲାକ୍‌ବୋର୍ଡ଼ ଏବଂ ଗ୍ରାଫ୍ ସାହାଯ୍ୟରେ କେତେକ ବିନ୍ଦୁର ସ୍ପଷ୍ଟୀକାରଣ ପ୍ରଦାନ କରିଥିଲେ । ମୋତେ ଗୋଟିଏ ବିନ୍ଦୁ ମନେ ରହିଛି । ଅର୍ଥାତ୍ ଉଲ୍ଲେଖକାରୀ କୁହନ୍ତି ଯେ, ମୋତେ ଗୋଟିଏ ବିନ୍ଦୁ ମନେଅଛି ଏବଂ ତାହା ଏହିକିଯେ, ସେ କହିଲେ, ଦୁଃଖ ଓ ପରିତାପର ବିଷୟ ଯେ, ଦେଶ ବିଭାଜନ ପୂର୍ବେ ସେହି ଉପଦ୍ୱୀପ ପ୍ରତି ଧ୍ୟାନ ଦିଆଗଲା ନାହିଁ ଯାହା ଭାରତର ତଟ ସହିତ ଅବସ୍ଥିତ ଅଟନ୍ତି । ଲକ୍ଷଦ୍ୱୀପ, ଶରଣଦ୍ୱୀପ, ବାଲିଦ୍ୱୀପ ଇତ୍ୟାଦି । ସେହି ସାମୁଦ୍ରିକ ତଟବର୍ତ୍ତୀ ରାଜ୍ୟର ଜନସଂଖ୍ୟା ମଧ୍ୟରୁ ଅଧିକ ସଂଖ୍ୟକ ଲୋକ ମୁସଲମାନମାନଙ୍କ ଉପରେ ନିର୍ଭର କରନ୍ତି ଏବଂ ସେହି ଦୃଷ୍ଟିରୁ ସେମାନଙ୍କର ମହତ୍ତ୍ୱ ଏବଂ ପ୍ରତିରକ୍ଷା ବିନ୍ଦୁ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଉକ୍ତ ଉପଦେଶାବଳୀକୁ ଶୁଣି ଶ୍ରୋତାମଣ୍ଡଳୀଙ୍କ ମଧ୍ୟରେ ଏହି ପ୍ରଭାବ ଏବଂ ପ୍ରତିକ୍ରିୟା ଦେଖିବାକୁ ମିଳେ ଯେ, ଏପରି ହୁଅନ୍ତା କି ବିଭାଜନ କାର୍ଯ୍ୟାନୁଷ୍ଠାନ ସମୟରେ ଉପସ୍ଥିତ ଖଲିଫା ସାହେବଙ୍କ ମିଳିତ ଯୋଗଦାନ ଜନିତ କାର୍ଯ୍ୟକୁ ସ୍ୱୀକାର କରି ନିଆଯାଇ ଥାଆନ୍ତା ? ଅତ୍ୟଧିକ ବିଦ୍ୱେଷ, ନିଜକୁ ଧୋକା ଦେବା ଜାତୀୟ ସ୍ତରରେ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବଙ୍କର ଈଶ୍ୱରଦତ୍ତ ସାମର୍ଥ୍ୟରୁ ଉପକୃତ ହେବର ସୁଯୋଗକୁ ହାତଛଡ଼ା କରିଦେଲେ...... ଜଣେ ବିଚାରକ ବ୍ୟକ୍ତିଗତ ସାହଚର୍ଯ୍ୟତ୍ୱରେ ସ୍ୱୀକାରୋକ୍ତି ପ୍ରକାଶ କଲେ ଯେ, ତାଙ୍କୁ ନିଜର ସମସ୍ତ ମର୍ଯ୍ୟାଦା ଏବଂ ଶ୍ରେଷ୍ଠତ୍ୱତା ସତ୍ତ୍ୱେ ସ୍ୱଭାବ ବହିର୍ଭୂତ ସମସ୍ୟା ସଂପର୍କରେ ସାମାନ୍ୟ ଜ୍ଞାନ ନଥିଲା । ମିର୍ଜା ମେହମୁଦ୍ ଅହେମଦଙ୍କ ସ୍ପଷ୍ଟ ବ୍ୟାଖ୍ୟା ଏବଂ ବିବରଣୀକୁ ଶୁଣି ତାଙ୍କର ଚଉଦ ସ୍ତର (ଆକାଶର ସାତୋଟି ସ୍ତର ଏବଂ ଭୂମିର ସାତୋଟି ସ୍ତର) ଆଲୋକିତ ହୋଇଗଲା ଏବଂ ପ୍ରଥମ ଥର ଇସଲାମୀୟ ଦୃଷ୍ଟିକୋଣର ସଠିକ୍ ସଠିକ୍ ଜ୍ଞାନର ଅବବୋଧ ହେଲା ।" **(ଅଲ୍ ଫଜଲ୍, 16-22 ଫେବୃୟାରୀ, 2013 ମସିହା ପୃ-3)**

ସୁତରାଂ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ହିଁ ସେହି ଅସ୍ତିତ୍ୱ ଅଟନ୍ତି ଯେକି ପୂର୍ବେ ମଧ୍ୟ ଏବଂ ପରେ ମଧ୍ୟ ପାକିସ୍ତାନ ଗଠନ ନିମନ୍ତେ ସର୍ବୋଚ୍ଚ ମତ ତଥା ପ୍ରସ୍ତାବ ଉପସ୍ଥାପିତ କରିଥିଲେ ଏବଂ ଶିକ୍ଷିତ ଲୋକମାନଙ୍କର ବୁଦ୍ଧିକୁ ଆଲୋକିତ କରି ଦେଇଥିଲେ । ସେମାନଙ୍କ ଚୈତନ୍ୟାବସ୍ଥାକୁ ମଧ୍ୟ ବିସ୍ମୃତ କରିଦେଇଥିଲା । ସେମାନେ ଏହାକୁ ପାସୋରିଦେଲେ ଏବଂ ନିଜକୁ ସଂପୂର୍ଣ୍ଣ ରୂପେ ବିଦ୍ୟାଳୟର ବାଳକ ରୂପେ ମନେକରିବାକୁ ଲାଗିଲେ ଯେ, ଆମମାନଙ୍କୁ ତ' ଏହି କଥା ସଂପର୍କରେ କୌଣସି ଧାରଣା ବା ଜଣା ନଥିଲା ।

ଦମିଶ୍କର ଖବରକାଗଜ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଉଲ୍ଲେଖ କରେ ଯେ, ଯେତେବେଳେ ହ. ମୁସ୍‌ଲେହ ମଉଦ୍ ର.ଅ ଦମିଶ୍କ ଗସ୍ତରେ ଗଲେ ସେତେବେଳେ ସେଠାରେ 10 ଅଗଷ୍ଟ 1924 ମସିହାରେ "ମେହଦୀ ଦମିଶ୍କରେ" ବିଷୟବସ୍ତୁକୁ କେନ୍ଦ୍ର କରି ଉଲ୍ଲେଖ କରେ, "ବର୍ତ୍ତମାନେ ଆପଣ ର.ଅଙ୍କ ଦାରୁଲ୍ ଖିଲାଫା ଠାରେ ଆଗମନର ଖବର ପ୍ରକାଶିତ ହୋଇଥିଲା କି ଅନେକ ବିଦ୍ୱାନ୍ ମନିଷୀମାନେ ଯେଉଁମାନେ ସିରୀୟାରୁ ଆସିଥିଲେ ସେମାନେ ଆପଣ ର.ଅଙ୍କ ସହିତ ବାର୍ତ୍ତାଳାପ କରିବା, ଆପଣଙ୍କ ନିମନ୍ତ୍ରଣ ସଂକ୍ରାନ୍ତରେ ଆପଣ ର.ଅଙ୍କ ସହିତ ମୁନାଜରା, ମୁବାହିସା (ବିତର୍କ) କରିବା ନିମନ୍ତେ ଆପଣ ର.ଅଙ୍କ ସେବାରେ ପହଞ୍ଚିଗଲେ । ସେମାନେ ଆପଣ ର.ଅଙ୍କୁ ଜଣେ ଅତ୍ୟନ୍ତ ଗଭୀର ଅନୁସନ୍ଧିତ୍ସୁ ବିଦ୍ୱାନ୍ ଏବଂ ସକଳ ଧର୍ମ ଏବଂ ଇତିହାହସବିତ୍ ଦର୍ଶନଶାସ୍ତ୍ରର ଗଭୀର ଅଧ୍ୟୟନକାରୀ, ଐଶୀ ଧର୍ମବିଧାନର ତତ୍ତ୍ୱ, ବ୍ରହ୍ମଜ୍ଞାନ ଏବଂ ଦର୍ଶନ ସହିତ ଅବହିତ ଥିବା ବ୍ୟକ୍ତିତ୍ୱ ରୂପେ ପାଇଲେ ।"

**(ଦୈନିକି ଅଲ୍‌ଫଜଲ୍, 17 ଫେବୃୟାରୀ-1972 ମସିହା, ପୃ-10)**

ଇସ୍ରାଇଲ୍ ଦେଶ ସ୍ଥାପନର ଯୋଜନା ପ୍ରସ୍ତୁତି ଏବଂ ଯେତେବେଳେ ଦେଶ ସ୍ଥାପନ ହେଲା ପୁନଶ୍ଚ ସେହି ସ୍ଥାପନ ହେବା ପରେ ଆପଣ ର.ଅ ଧାର୍ମିକ ଏବଂ ଐତିହାସିକ ଅବସରରେ ମୁସଲମାନମାନଙ୍କୁ ସତ୍ୟ ସଂପର୍କରେ ଅବଗତ କରାଇ ସତର୍କ କରାଇବାକୁ ଉଦ୍ୟମ କଲେ । ପରେ ମଧ୍ୟ ଆପଣ ର.ଅ ସେମାନଙ୍କୁ ସତର୍କ କରୁଥିଲେ । ତତ୍‌ସଂକ୍ରାନ୍ତରେ ଆପଣ ର.ଅଙ୍କ ଏକ ବିଷୟବସ୍ତୁ اَلْكُفْرُ مِلَّةٌ وَّاحِدَةٌ ଉଲ୍ଲେଖ କଲେ। ଏହାର ଆରବୀ ଭାଷାରେ ଅନୁବାଦ କରି ତାହାକୁ ଆରବ ଦେଶ ପର୍ଯ୍ୟନ୍ତ ପ୍ରସାରିତ କରାଯାଇଥିଲା ଏବଂ ଆରବୀୟ ଲୋକମାନଙ୍କୁ ଏବଂ ମୁସଲମାନ ଜଗତକୁ ଆପଣ ର.ଅ କହିଲେ, ଏବେ ବି ସମୟ ଅଛି ସତର୍କ ହୋଇଯାଅ । ଉକ୍ତ ବିଷୟବସ୍ତୁକୁ ଅନେକ ଆରବୀୟ ସମ୍ବାଦପତ୍ର ମଧ୍ୟ ବର୍ଣ୍ଣନା କଲେ ଏବଂ ଭୂୟସୀ ପ୍ରଶଂସା ମଧ୍ୟ କଲେ ।

ଆପଣ ର.ଅ ନିଜ ସୁରକ୍ଷାର ପରିପ୍ରକାଶ କରିଥିଲେ, ବିପଦର ଆଶଙ୍କା ସଂପର୍କରେ ବର୍ଣ୍ଣନା କରିଥିଲେ ଏବଂ ଯେଉଁ ଫଳାଫଳ ସୃଷ୍ଟି ହେବ ତାହାର ପରିପ୍ରକାଶ କରିଥିଲେ ତାହା ଆଜି ଆମେ ଅବଲୋକନ କରୁଅଛୁ । ଆପଣ ଯାହା କହିଥିଲେ ତାହା ଆଜି ଯୁଦ୍ଧ ରୂପେ ପରିଦୃଶ୍ୟମାନ ହେଉଅଛି । ଏପରି ହୁଅନ୍ତା କି ମୁସଲମାନମାନେ ସେତେବେଳେ ଯଦି ଧ୍ୟାନ ଦେଇଥାଆନ୍ତା ଓ ଆଜି ବି ଧ୍ୟାନ ଦିଅନ୍ତେ କି ।

ତତ୍‌ସଂକ୍ରାନ୍ତରେ ବାଗ୍‌ଦାଦ୍‌ର ଏକ ଖବର କାଗଜ ଯାହାର ନାମ ଅଶ୍ ଶୁରା ରହିଛି ସେ 18 ଜୁନ୍ 1948 ମସିହାର ସଂଖ୍ୟାରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛି। ସେହିପରି ଦମିଶ୍କରେ ଏକ ଖବରକାଗଜ ପ୍ରକାଶ ପାଇଥାଏ । ଯାହାର ନାମ ହେଲା "ଅଲିଫ୍ ବା" ସେ ମଧ୍ୟ ତତ୍‌ସଂକ୍ରାନ୍ତରେ ଏବଂ ଉକ୍ତ ବିଷୟବସ୍ତୁ ସଂପର୍କରେ ଉଚ୍ଚ ପ୍ରଶଂସା କରିଛି । ସୁତରାଂ ଏହା ଏପରି ଏକ ବିଷୟବସ୍ତୁ ଅଟେ ଯାହାକୁ ପ୍ରତ୍ୟେକ ଅହେମଦିଙ୍କୁ ମଧ୍ୟ ପାଠ କରିନେବା ଉଚିତ୍ । ଯଦ୍ୱାରାକି ସେମାନଙ୍କର ଅନେକ ସାଧାରାଣ ଜ୍ଞାନରେ ଅଭିବୃଦ୍ଧି ଘଟିବ ।

**(ତାରିଖେ ଅହେମଦିୟତ୍, ଭାଗ-2, ପୃ-391,-393)**

ସେହିପରି ଭାରତର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ଶୌକତ୍ ହୟାତ୍ ଖାନ ସେହବ ଅଟନ୍ତି । ସେ ନିଜର ପୁସ୍ତକ ହଜି ଯାଇଥିବା ଜାତି The Nation that lost its soulରେ ଉଲ୍ଲେଖ କରନ୍ତି: "ଦିନେ ମୋତେ କାଏଦେ ଆଜମ୍ (ସଂସ୍ଥାପକ)ଙ୍କ ତରଫରୁ ଏକ ସନ୍ଦେଶ ପ୍ରାପ୍ତ ହେଲା ଯେ, ଶୌକତ୍ ! ମୁଁ ଏହା ଜାଣିବାକୁ ପାଇଛି ଯେ, ତୁମେ ବଟାଲା ଯାଉଅଛ । ଏହା କାଦିଆନ୍ ଠାରୁ ପାଞ୍ଚ ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ତୁମେ ସେଠାକୁ ଯାଅ ଏବଂ ହ. ମିର୍ଜା ସାହେବଙ୍କୁ ମୋର ଅନୁରୋଧ ପହଞ୍ଚାଇ ଦିଅ କି ସେ ପାକିସ୍ତନ ପ୍ରାପ୍ତି ପାଇଁ ନିଜର ପୁଣ୍ୟ ପ୍ରାର୍ଥନା ଏବଂ ସମର୍ଥନ ଦ୍ୱାରା ସମ୍ମାନିତ କରନ୍ତୁ । ଅର୍ଥାତ୍ ସାହାଯ୍ୟ ଓ ସମର୍ଥନ କରନ୍ତୁ । ଜଲ୍‌ସାର ପରିସମାପ୍ତି ପରେ ମୁଁ ରାତ୍ରର ଅର୍ଦ୍ଧ ପ୍ରହର ଅର୍ଥାତ ପ୍ରାୟ ରାତ୍ର 12ଟା ସମୟରେ କାଦିଆନ୍ ପହଞ୍ଚିଲି । ହ. ମିର୍ଜା ସାହେବ ବିଶ୍ରାମ କରୁଥିଲେ । ମୁଁ ତାଙ୍କ ନିକଟକୁ ଏହି ସନ୍ଦେଶ ପ୍ରେରଣ କଲି ଯେ, ମୁଁ କାଏଦେ ଆଜମଙ୍କ ସନ୍ଦେଶ ନେଇ ଆପଣ ନିକଟରେ ଉପସ୍ଥିତ ହୋଇଅଛି । ଆପଣ ର.ଅ ସେହି ମୁହୂର୍ତ୍ତରେ ତଳକୁ ଆସିଲେ ଏବଂ ପଚାରିଲେ ଯେ, କାଏଦେ ଆଜମଙ୍କ କ'ଣ ଆଦେଶ ରହିଛି ? ମୁଁ କହିଲି ସେ ଆପଣ ର.ଅଙ୍କ ପ୍ରାର୍ଥନା ଏବଂ ସହଯୋଗର ଅଭିଳାଷୀ ଅଟନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ ପ୍ରତ୍ୟୁତ୍ତରରେ କହିଲେ, ମୁଁ ପ୍ରାରମ୍ଭରୁ ହିଁ ତାଙ୍କ ମିଶନ ପାଇଁ ପ୍ରାର୍ଥନାରତ ଅଟେ ଏବଂ ଯେଉଁଠି ତାଙ୍କର ଅନୁଗାମୀମାନଙ୍କର ପ୍ରସଙ୍ଗ ରହିଛି ଅର୍ଥାତ୍ ଅହେମଦିମାନଙ୍କର କୌଣସି ଅହେମଦି ମୁସଲିମ୍ ଲିଗ୍ ବିରୁଦ୍ଧରେ ନିର୍ବାଚନରେ ଛିଡ଼ା ହେବ ନାହିଁ । ଯଦି କୌଣସି ବ୍ୟକ୍ତି ଏହାର ଖିଲାଫ୍ କରେ ଏବଂ ବିଶ୍ୱାସଘାତକତା କରେ ତେବେ ସେହି ବ୍ୟକ୍ତି ତାଙ୍କ ଜମାଅତ୍‌ର ସମର୍ଥନରୁ ବଞ୍ଚିତ ରହିବ । ଯଦି କୌଣସି ବ୍ୟକ୍ତି ଛିଡ଼ା ବି ହେଲା ତେବେ ଜମାଅତ୍ ତା'କୁ ସମର୍ଥନ ଜଣାଇବ ନାହିଁ । ସେ ପଛେ ଅହେମଦି ହେଉ ନା କାହିଁକି । ମୁସଲିମ୍ ଲିଗର କ୍ୟାଣ୍ଡିଡେଟ୍ (ପ୍ରାର୍ଥୀ)କୁ ଆମେମାନେ ଯଥାସାଧ୍ୟ ସମର୍ଥନ ଜଣାଇବୁ । ଉକ୍ତ ସକ୍ଷାତ୍ ଫଳରେ ମୁମ୍‌ତାଜ୍ ଦୌଲା ସାହେବ ନାମକ ସିୟାଲକୋଟରେ ଜଣେ ଅହେମଦି ନୱାବ୍ ମୁହମ୍ମଦ୍ ଦିନଙ୍କୁ ବିପୁଳ ସଂଖ୍ୟକ ଭୋଟ୍‌ରେ ପରାସ୍ତ କଲେ । ଶୌକତ୍ ହୟାତ୍ ସାହେବ ଉଲ୍ଲେଖ କରନ୍ତି ଯେ, କାଦିଆନୀ ଲୋକମାନେ ନିଜ ଅମୀରଙ୍କ ଆଦେଶ ପାଳନ କରିବାକୁ ଯାଇ ମୁହମ୍ମଦ୍ ଦିନ ବଦଳରେ ମୁମ୍‌ତାଜଙ୍କୁ ଭୋଟ୍ ଦେଲେ ଏବଂ ଏହି ମୁମ୍‌ତାଜ୍ ଦୋଲା ସାହେବ ହେଉଛନ୍ତି ସେହି ବ୍ୟକ୍ତି ଯିଏ 1953 ମସିହାରେ ନିଜର ଶାସନ କାଳରେ ଅହେମଦିମାନଙ୍କ ବିରୁଦ୍ଧରେ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଅହେମଦିମାନେ ଯେତେ ଇଚ୍ଛା ସେତେ ସେହି (ଅଣଅହେମଦି) ଲୋକମାନଙ୍କର ମସର୍ଥନ କରନ୍ତୁ ପଛେ କିନ୍ତୁ ଏମାନେ ଅହେମଦିଙ୍କୁ କ୍ଷତି ପହଞ୍ଚାଇବାରୁ ବିରତ ଏବଂ କ୍ଷାନ୍ତ ହେବେ ନାହିଁ । ଶୌକତ୍ ହୟାତ୍ ସାହେବ ଅତିରିକ୍ତ ଉଲ୍ଲେଖ କରନ୍ତି, ମୁଁ ଯେତେବେଳେ ପଠାନ୍‌କୋଟ୍ ଠାରେ ପହଞ୍ଚିଲି ସେତେବେଳେ କାଏଦେ ଆଜମ୍ ମୌଲାନା ମୌଦୁଦି ସାହେବଙ୍କ

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ସହିତ ସାକ୍ଷାତ୍ କରିବା ପାଇଁ ଆଦେଶ ଦେଲେ। ସେ ଚୌଧୁରୀ ନିୟାଜ୍‌ଙ୍କ ଗ୍ରାମ ସହିତ ସଂଲଗ୍ନ ଉଦ୍ୟାନରେ ବାସ କରୁଥିଲେ । ମୁଁ ଯେତେବେଳେ ତାଙ୍କୁ (ମୌଲାନା ମୌଦୁଦିଙ୍କୁ) କାଏଦେ ଆଜମ୍‌ଙ୍କ ସନ୍ଦେଶ ଦେଲି ଯେ, ଆପଣ ପାକିସ୍ତାନ ପାଇଁ ଦୁଆ କରନ୍ତୁ ଏବଂ ଆମକୁ ସମର୍ଥନ ଜଣାନ୍ତୁ ସେତେବେଳେ ସେ ପ୍ରତ୍ୟୁତ୍ତରରେ କହିଲେ, ତାହ କିପରି ? ''ନାପାକିସ୍ତାନ'' ଅର୍ଥାତ ଅପବିତ୍ର ସ୍ଥାନ ପାଇଁ ଦୁଆ କରିପାରିବି । ଏହାଠୁ ବି ଅଧିକ ସେ କୁହନ୍ତି, ଯେପର୍ଯ୍ୟନ୍ତ ଭାରତର ପ୍ରତ୍ୟେକ ବ୍ୟକ୍ତି ମୁସଲମାନ ହୋଇଯାଉ ନାହିଁ ସେପର୍ଯ୍ୟନ୍ତ ପାକିସ୍ତାନ କିପରି ଅସ୍ତିତ୍ୱରେ ଆସି ପାରିବ (ଗଠନ ହଇପାରିବ) ? ଇସ୍‌ଲାମୀୟ ଜମାଅତ୍‌ର କାଏଦ୍‌ର ଏହି ଦୂରଦର୍ଶିତା ଥିଲା କି ସେତେବେଳ ପର୍ଯ୍ୟନ୍ତ ପାକିସ୍ତାନ ଅସ୍ତିତ୍ୱକୁ ଆସି ପାରିବ ନାହିଁ ।''**(ଗୁମ୍ ଗୁସ୍ତା କୌମ୍, ଲେଖକ-ଶୌକତ୍ ହୟାତ୍, ଜଙ୍ଗ୍ ପବ୍ଲିଶର୍ସ, ପୃ-195, ପ୍ରଥମ ସଂସ୍କରଣ, ଡିସେମ୍ବର 1995 ମସିହରୁ ଉଦ୍ଧୃତ)**

ସର୍ଦ୍ଧାର୍ ଶୌକତ୍ ହୟାତ୍ ସାହେବ ଉଲ୍ଲେଖ କରନ୍ତି ଯେ, ଜମାଅତ୍ ଇସ୍‌ଲାମୀଙ୍କ କାଏଦ୍‌ଙ୍କ ଉକ୍ତ ଦୂରଦର୍ଶିତା ଥିଲା । ଅନ୍ୟ ପଟରେ ଦେଖ ! ମିର୍ଜା ବଶୀରୁଦ୍ଦୀନ ମେହମୁଦ୍ ଅହେମଦଙ୍କ କ'ଣ ଦୃଷ୍ଟିକୋଣ ରହିଥିଲା ? ଆଜି ଅହେମଦିମାନେ ସେହି ଇତିହାସରୁ ଅଜ୍ଞାତ, ଅପରିଚିତ ଅଟନ୍ତି ଏବଂ ନାମକୁ ମାତ୍ର ବିଦ୍ୱାନ୍‌ମାନଙ୍କ ଦୃଷ୍ଟିରେ ଦେଶର ଶତ୍ରୁ ଅଟନ୍ତି । ଯେଉଁମାନେ ( ଯେଉଁ ଅହେମଦିମାନେ) ଦେଶ ପାଇଁ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ତଥା ଦେଶର ଅସ୍ତିତ୍ୱ ନିମନ୍ତେ ସେତେବେଳେ ପ୍ରସ୍ତୁତ ଥିଲେ ଏବଂ ସେହି ଅହେମଦିମାନେ ଆଜି ମଧ୍ୟ ପ୍ରସ୍ତୁତ ଅଛନ୍ତି । ଯେଉଁମାନେ ଏହି ଦେଶ ଗଠନ ହେବାର ବିରୋଧୀ ଅଟନ୍ତି ସେମାନେ ଦେଶର ଠିକାଦାର ହୋଇଛନ୍ତି । ଅଲ୍ଲାଃତାଲା ଯଥାଶୀଘ୍ର ସେହି ଅତ୍ୟାଚାରୀଙ୍କ କବଳରୁ ଦେଶକୁ ମୁକ୍ତି ପ୍ରଦାନ କରନ୍ତୁ ।

ପୁନଶ୍ଚ ମୁସଲମାନମାନଙ୍କ ପ୍ରତି ସମବେଦନା ରଖୁଥିବା ଆପଣ ର.ଅଙ୍କ ଆଉ ଏକ କୃତିତ୍ୱ ରହିଛି । 1923 ମସିହାରେ ଆପଣ ର.ଅ ଶୁଦ୍ଧି ଇତିହାସ ବିରୁଦ୍ଧରେ ଜିହାଦ୍‌ର ଶୁଭାରମ୍ଭ କରିଥିଲେ । ଅର୍ଥାତ୍ ମୁସଲମାନମାନଙ୍କୁ ହିନ୍ଦୁ ଧର୍ମରେ ଧର୍ମାନ୍ତରୀକଣ କରିବା ଆନ୍ଦୋଳନ ଯାହାକୁ ଶୁଦ୍ଧି ଆନ୍ଦେଳନ ବିଲି କୁହାଯାଏ । ଏହି ଆନ୍ଦୋଳନର ପୁରୋଧା ଶ୍ରଦ୍ଧାନନ୍ଦ ନାମକ ଜଣେ ହିନ୍ଦୁ ନେତା ଥିଲା ସେ ଭାରତରେ ସେହି ମୁସଲମାନମାନଙ୍କୁ ପୁନଃ ହିନ୍ଦୁ ଧର୍ମରେ ଦୀକ୍ଷିତ କରିବା ପାଇଁ ଉକ୍ତ ଆନ୍ଦୋଳନ ଚଳାଇଥିଲା ଯେଉଁମାନଙ୍କର ପୂର୍ବପୁରୁଷ ପୂର୍ବେ ହିନ୍ଦୁ ଥିଲେ । ଆପଣ ର.ଅ ଗୋଟିଏ ପରେ ଗୋଟିଏ ଅନ୍‌ରେରୀ ମୁବଲ୍ଲିଗିନ୍‌ମାନଙ୍କର ପ୍ରତିନିଧି ଦଳ ମଲ୍‌କାନା ଅଞ୍ଚଳ ଅଭିମୁଖେ ପ୍ରେରଣ କଲେ ।

ତତ୍‌ସଂକ୍ରାନ୍ତରେ ଗୋରଖପୁରର 'ମଶ୍‌ରିକ୍' ନାମ ସମ୍ବାଦ 29 ମାର୍ଚ୍ଚ 1923 ମସିହାର ପ୍ରକାଶନରେ ଉଲ୍ଲେଖ କଲା ଯେ, ଜମାଅତ୍ ଅହେମଦିୟାର ଇମାମ୍ ତଥା ଧର୍ମଗୁରୁଙ୍କ ଅହରହ ଭାଷଣ ଏବଂ ଲେଖନୀର ପ୍ରଭାବ ତାଙ୍କର ଅନୁଗାମୀମାନଙ୍କ ଉପରେ ଗଭୀର ଭାବରେ ପଡ଼ିଛି ଏବଂ ଉକ୍ତ ଜିହାଦ୍‌ରେ ବର୍ତ୍ତମାନ ସେହି ସଂପ୍ରଦାୟ ହିଁ ସର୍ବାଗ୍ରେ ଥିବା ଦୃଶ୍ୟମାନେ ହେଉଅଛି ଏବଂ ଏହିକଥା ସତ୍ତ୍ୱେ ଅହେମଦିୟା ସଂପ୍ରଦାୟ ନିକଟରେ ଯଦି ମୁସ୍‌ଲିମ୍ ଲିଗ୍‌ର ସମର୍ଥନର ଆବଶ୍ୟକତା ନ ଥିଲା। କାରଣ ଉକ୍ତ ସଂପ୍ରଦାୟ ସହିତ ମୁସ୍‌ଲିମ୍ ଲିଗର କୌଣସି ସଂପର୍କ ନଥିଲା । କିନ୍ତୁ ଇସ୍‌ଲାମ୍ ଧର୍ମର ନାମ ଲାଗିଥିଲା ଅତଏବ ଏହି ଲଜ୍ଜାରୁ ଅର୍ଥାତ ଇସ୍‌ଲାମ୍ ନାମର ଲଜ୍ଜାରୁ ଇମାମ୍ ଜମାଅତ୍ ଅହେମଦିୟାକୁ ଉତ୍ସାହ ସୃଷ୍ଟି ହୋଇଗଲା ଏବଂ ଆପଣ ର.ଅଙ୍କ କେତେକ ଭାଷଣକୁ ଦେଖି ହୃଦୟରେ ଭୟ ଆତଙ୍କ ଜାତ ହୁଏ । ଅର୍ଥାତ୍ ଏବେ ବି ଈଶ୍ୱରଙ୍କ ନାଁରେ  ଜୀବନ ଦେବାକୁ ଥିବା ଲୋକମାନେ ଅଛନ୍ତି ଏବଂ ଯଦି ଆମର ବିଦ୍ୱାନ୍‌ମାନଙ୍କୁ ଉକ୍ତ କଥା ଜ୍ଞାତ ହୋଇଯାଏ ଯେ, ଜମାଅତ ଅହେମଦିୟା ନିଜ ଆସ୍ଥା ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରିବ ତେବେ ସେମାନେ ସର୍ବସମ୍ମତି କ୍ରମେ ଜମାଅତ୍‌ରେ....ଏପରି ନିଷ୍ଠା ସୃଷ୍ଟି କରି ଆଗକୁ ଅଗ୍ରସର ହୋଇଛନ୍ତି । ପୁନଶ୍ଚ ଅନ୍ୟ ମୁସଲମାନମାନଙ୍କୁ ଯଦି ଏହି ଆଶଙ୍କା ରହିଛି ଯେ, ଜମାଅତ୍ ଅହେମଦିୟା ନିଜ ଆସ୍ଥା ଜାରି ନ କରି ଦିଅନ୍ତୁ । ତେଣୁ ସମସ୍ତ ମୁସଲମାନମାନେ ଏକତ୍ରିତ ହୋଇ ଯାଆନ୍ତୁ ମିଳିତ ହୋଇ ଏକ ଜମାଅତ୍ ଗଢନ୍ତୁ ଏବଂ ଏକ ନିଷ୍ଠା ନିଜ ମଧ୍ୟରେ ସୃଷ୍ଟି କରି ଆଗକୁ ଅଗ୍ରସର ହୁଅନ୍ତୁ ଯେ, ଛତୁଆ ଖାଇବେ । କିପରି କରିବ ଯେପରି ଅହେମଦିମାନେ କରନ୍ତି । ଛତୁଆ ଖାଆନ୍ତୁ ଏବଂ ବୁଟ ଚୋବାନ୍ତୁ ଏବଂ ଇସ୍‌ଲାମ୍‌କୁ ରକ୍ଷା କରନ୍ତୁ । ଯେଉଁ ଲୋକମାନେ ସେଠାକୁ (ମଲକାନା ଅଞ୍ଚଳକୁ) ଯାଇଥିଲେ ସେମାନେ ତ' ଏହିପରି ଚଳୁଥିଲେ । କୌଣସି ରନ୍ଧା ଖାଦ୍ୟ ମିଳୁ ନଥିଲା । ଚଣା, ବୁଟ  ଖାଉଥିଲେ ଏବଂ ଛତୁଆ ପାନ କରୁଥିଲେ । ଜମାଅତ୍ ଅହେମଦିୟାର ଲୋକମାନଙ୍କ ମଧ୍ୟରେ ଆମେ ଏହି ନିଷ୍ଠା ସର୍ବାଧିକ ଭାବରେ ଦେଖିବାକୁ ପାଇଥାଉ। ବିଶ୍ୱସ୍ତତା, ପ୍ରତିଶୃତି ରକ୍ଷା କରିବା, ନିଜ ଜମାଅତ୍‌ର ଇମାମ୍‌ଙ୍କ ଆଜ୍ଞା ପାଳନ ଇତ୍ୟାଦି । ତେଣୁ ଏମାନେ ସମସ୍ତେ ଜମାଅତ୍‌ର ଗୋଟିଏ ଗୋଟିଏ ସଦସ୍ୟ ଅଟନ୍ତି। ମିର୍ଜା ସାହେବ ଓ ତାଙ୍କ ଜମାଅତ୍‌ର ଉଚ୍ଚ ଉତ୍ସାହ, ବଳିଦାନର ପ୍ରଶଂସା ସହିତ ମୁସଲମାନମାନଙ୍କୁ ଏହିପରି ବଳିଦାନ ଦେବା ନିମନ୍ତେ ସ୍ୱାଭିମାନୀ କରାଇଥାଏ। ଏମାନେ ଏକ ହୋଇଯାଇଛନ୍ତି ଏବଂ ମୁସଲମାନମାନଙ୍କୁ ଏହିପରି ସ୍ୱାଭିମାନୀ ହେବା ନିମନ୍ତେ ପ୍ରବର୍ତ୍ତାଉଛନ୍ତି ଯେ, ତୁମେମାନେ ମଧ୍ୟ ଏକତ୍ରିତ ହୁଅ ଏବଂ ଏହିପରି ବଳିଦାନ ନିଜ ମଧ୍ୟରେ ସୃଷ୍ଟି କର। ବିଶ୍ୱସ୍ତତା, ସାଧୁତା ଏବଂ ସତ୍ୟପ୍ରିୟାତା ଯାହା ମୁସଲମାନମାନଙ୍କର ଅନନ୍ୟ ବୈଶିଷ୍ଟ୍ୟତା ଥିଲା ଆଜି ତାହା ଏମାନଙ୍କ ମଧ୍ୟରେ ସ୍ପଷ୍ଟ ରୂପେ ବିଦ୍ୟମାନ ଏବଂ ଦୃଶ୍ୟମାନ । ଜମାଅତ୍ ଅହମଦିୟାର ବଦାନ୍ୟତା ଏବଂ ବଳିଦାନ ସହିତ ସେମାନଙ୍କର ସାଧୁତା ଏବଂ ସତ୍ୟପ୍ରିୟାତ ଏବଂ ଆୟ ବ୍ୟୟର ଖର୍ଚ୍ଚ ଦ୍ୱାରା ସଠିକତା ଏବଂ ନିୟମିତତା ସର୍ବାଧିକ ଭାବରେ ପ୍ରଶଂସାଯୋଗ୍ୟ ଅଟେ । ଏହି କାରଣରୁ ସ୍ୱଳ୍ପ ଆୟ ସତ୍ତ୍ୱେ ଏହି ଲୋକମାନେ ବଡ଼ ବଡ଼ କାର୍ଯ୍ୟ କରୁଛନ୍ତି । **(ମସିହ୍ ମଉଦ୍ ଅବ ଜମାଅତ୍ ଅହେମଦିୟା ଇନ୍‌ସାଫ୍ ପସନ୍ଦ କି ନଜର୍ ମେଁ ମର୍ତବା, ଲେଖକ-ଅବ୍‌ଦୁଲ୍ ମନ୍ନାନ ଶାହିଦ, ପୃ-261-262)**

ଅଣମୁସଲମାନ ଏବଂ ଅଣଅହେମଦିମାନେ ଏହା ସ୍ୱୀକାର କରୁଛନ୍ତି ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ହୃଦୟରେ ଏହି ସମବେଦନା ଥିଲା ମୁସଲମାନମାନଙ୍କ ପାଇଁ । ଯେଉଁଥିପାଇଁ ଆପଣ ଜମାଅତ୍‌ରେ ବିଶେଷ ଆହ୍ୱାନ ତଥା ଆନ୍ଦୋଳନ କରି ସଂପୂର୍ଣ୍ଣ ଜମାଅତ୍‌କୁ କୌଣସି ନା କୌଣସି ଢଙ୍ଗରେ ସେହି କାର୍ଯ୍ୟରେ ନିୟୋଜିତ କରିଦେଲେ ଏବଂ ଜମାଅତ୍‌କୁ ସକ୍ରିୟ କରିଦେଲେ ଯାହାର ପ୍ରଶଂସା ଅଣଅହମଦିମାନେ ମଧ୍ୟ କରୁଛନ୍ତି ।

ମଶ୍ ସାହେବ ନାମକ ଜଣେ ବିଖ୍ୟାତ ଲେଖକ ଏବଂ ରାଜନେତା ଥିଲେ । ତାଙ୍କର ସାହିତ୍ୟକ ନାମ ମଶ୍ ଥିଲା । ପ୍ରକୃତ ନାମ ମିଆଁ ମୁହମ୍ମଦ୍ ଶଫି ଥିଲା। ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ବିୟୋଗରେ ସେ ''ଲାହୋର ଡାଏରୀ''ରେ ଉଲ୍ଲେଖ କରନ୍ତି ଯେ, ''ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହେବ 1914 ମସିହାରେ ଖିଲାଫତ୍ ଆସନରେ ଅଭିଷିକ୍ତ ହେବା ପରେ ଯେଭଳି ଭାବରେ ନିଜ ଜମାଅତ୍‌ର ଏବଂ ଯେପରି ଭାବରେ ସଦର୍ ଅଞ୍ଜୁମନ୍ ଅହେମଦିୟାକୁ ଏକ ସକ୍ରିୟ ତଥା ଜୀବନ୍ତ ଅନୁଷ୍ଠାନ ରୂପେ ଗଢି ତୋଳିଛନ୍ତି । ତହିଁରୁ ତାଙ୍କର ଅସୀମ ପରାକାଷ୍ଠା ଏବଂ ଗୋଷ୍ଠୀ ଶକ୍ତି ସଂପର୍କରେ ପ୍ରତିତ ହୁଏ । ଯଦିଓ ତାଙ୍କ ପାଖରେ କୌଣସି ବିଶ୍ୱବିଦ୍ୟାଳୟର ପ୍ରମାଣପତ୍ର (ଡିଗ୍ରୀ) ନାହିଁ କିନ୍ତୁ ସେ ବ୍ୟକ୍ତିଗତ ରୂପେ ଅଧ୍ୟୟନ କରି ନିଜକୁ ପ୍ରକୃତ ବିଦ୍ୱାନ୍ ବୋଲାଇଇବାର ଅଧିକାରୀ ହୋଇପାରିଛନ୍ତି। ଏକଦା ସେ ଏକ ସାକ୍ଷାତକାରରେ ମୋତେ କହିଥିଲେ ଯେ, ମୁଁ ଇଂରାଜୀ ଭାଷାର ଅଭିଜ୍ଞତା ''ସିଭିଲ୍ ଆଣ୍ଡ ମିଲ୍‌ଟାରୀ ଗେଜେଟ୍''ର ନିୟମିତ ଅଧ୍ୟୟନ ଦ୍ୱାରା ପ୍ରାପ୍ତ କରିଛି । ତାଙ୍କ ଆଦେଶାନୁଯାୟୀ ଯେପର୍ଯ୍ୟନ୍ତ ଉକ୍ତ ଖବରକାଗଜଟି ଖ୍ୱାଜା ନଜୀର୍ ଅହେମଦ ସାହେବଙ୍କ ସମୟରେ ବନ୍ଦ ହୋଇଯାଇ ନଥିଲା ସେପର୍ଯ୍ୟନ୍ତ ସେ (ମୁସଲେହ୍ ମଉଦ୍ ର.ଅ) ଏହାର ନିୟମିତ ଅଧ୍ୟୟନ ଜାରି ରଖିଲେ । ମିର୍ଜା ସାହେବ ଜଣେ ଶିଷ୍ଟ ତଥା ମାର୍ଜିତ ବକ୍ତା ଏବଂ ଜଣେ ଅଭିଜ୍ଞ ଗଦ୍ୟକାର ଏବଂ ପ୍ରାବନ୍ଧିକ ଥିଲେ। ପ୍ରତ୍ୟେକ ଅବସରକୁ ସେ ନିର୍ଭୀକ ଭାବରେ ବ୍ୟବହାର କୁରଥିଲେ ଯଦ୍ଦ୍ୱାରା ଜମାଅତ୍‌ର ସର୍ବାଙ୍ଗୀନ ଉନ୍ନତିର ମାର୍ଗ ଉନ୍ମୁକ୍ତ ହୋଇ ପାରୁଥିବ, ଜମାଅତୀୟ ଦୃଷ୍ଟିକୋଣରୁ ତାଙ୍କର ଏହା ସର୍ବବୃହତ୍ କୃତିତ୍ୱ ଥିଲା ଯେ, ଭାରତ ଏବଂ ପାକିସ୍ତାନ ବିଭାଜନ ପରେ ଯେତେବେଳେ କାଦିଆନ୍ ତାଙ୍କ ହାତରୁ ଛିନ୍ନ କରି ନିଆଗଲେ ସେତେବେଳେ ସେ ରବ୍‌ୱାରେ ଏହାର ଦ୍ୱିତୀୟ କେନ୍ଦ୍ର ସ୍ଥାପନ କରିନେଲେ ।''

**(ରୋଜ୍‌ନାମା ଅଲ୍ ଫଜଲ୍, 11 ଡିସେମ୍ବର 1965 ମସିହା, ପୃ-5)**

ପୁନଶ୍ଚ ଅଣଅହେମଦିଙ୍କ The light ଖବର କାଗଜର ଅନୁବାଦକ  ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ବିୟୋରେ ଉଲ୍ଲେଖ କଲା । ଯାହାର ବିଷୟବସ୍ତୁ ଥିଲା "A Geat Nation Builder" ର ପ୍ରକାଶନ ସଂଖ୍ୟା 16 ନଭେମ୍ବର 1965 ମସିହାରେ ଉଲ୍ଲେଖ କଲା ଯେ, ''ଇମାମ୍ ଜମାଅତ୍ ଅହେମଦିୟା ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ ସାହାବଙ୍କ ବିୟୋଗ ଅତ୍ୟନ୍ତ ଘଟଣାବଳୀ ଦ୍ୱାରା ପରିପୂର୍ଣ୍ଣ ଏପରି ଏକ ଜୀବନ ଫଳପ୍ରସୁ ହୋଇ ସମାପ୍ତ ହେଲା ଯାହାର ପିରଣାମ ସୁଦୂରପ୍ରସାରୀର ଅଧିକାରୀ, ଅସଂଖ୍ୟ କୃତିତ୍ୱ ଏବଂ ଅଭିଯାନ ଦ୍ୱାରା

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

''ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।''

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ଅଙ୍କ ବାଣୀ

''ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।''

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ଆପଣଙ୍କ ଜୀବନ ପରିପୂର୍ଣ୍ଣ ଥିଲା । ଆପଣ ର.ଅଙ୍କ ନାନା ବିଦ୍ୟାମୂଳକ ଶିଳ୍ପ କଳାରେ ଏକ ପାରଙ୍ଗମ ତଥା ଅଭିଜ୍ଞ ଅସ୍ତିତ୍ୱ ଏବଂ ଅସୀମ କାର୍ଯ୍ୟାନୁସରଣାତ୍ମକ ଶକ୍ତି ଦ୍ୱାରା ସମୃଦ୍ଧ ଏବଂ ସଂପୂର୍ଣ୍ଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଧାର୍ମିକ ଜ୍ଞାନ ଏବଂ କୃପା ଠାରୁ ଆରମ୍ଭ କରି ଇସ୍‌ଲାମ୍ ଧର୍ମର ପ୍ରଚାର ତଥା ପ୍ରକାଶନର ବ୍ୟବସ୍ଥା ପର୍ଯ୍ୟନ୍ତ, ଏହାଠୁ ବି ଅଧିକ ରାଜନୈତିକ ନେତୃତ୍ୱ ପର୍ଯ୍ୟନ୍ତ ଚିନ୍ତା ଏବଂ କାର୍ଯ୍ୟାନୁସରଣର ଏପରି କୌଣସି ବିଭାଗ ନାହିଁ ଯାହା ଉପରେ ସ୍ୱର୍ଗତ ନିଜର ଅନନ୍ୟ ପ୍ରଭାବର ଗଭୀର ପଦାଙ୍କ ଛାଡ଼ି ନଥିବେ। ପୃଥିବୀ ବ୍ୟାପୀ ଇସ୍‌ଲାମୀୟ ମିଶନର ଏକ ଜାଲ କୋଣ ଅନୁକୋଣରେ ନିର୍ମାଣ ହେଉଥିବା ମସ୍‌ଜିଦ୍ ଏବଂ ଦୀର୍ଘକାଳ ଧରି ସ୍ଥାପିତ ହୋଇଥିବା ଖ୍ରିଷ୍ଟିଆନ୍ ମିଶନ୍‌କୁ ସମୂଳେ ଓପାଡ଼ି ଫୋପାଡ଼ି ଦେବା ଭଳି ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ (ଧର୍ମ ପ୍ରଚାର) ର ଆଫ୍ରିକା ଦେଶରେ ବ୍ୟାପକ ଏବଂ ଗଭୀର ପ୍ରବେଶ, ଏହା ହେଉଛି ସେହି ସମସ୍ତ କୃତି ତଥା କୃତିତ୍ୱ ଯାହାକି ସ୍ୱର୍ଗତଙ୍କ ଦ୍ୱାରା ଜନ୍ମିତ ବା ସୃଷ୍ଟ ଯୋଜନା, ବ୍ୟବସ୍ଥା ଜନିତ ସାମର୍ଥ୍ୟତା ଏବଂ ଅକ୍ଳାନ୍ତ ଉଦ୍ୟମ ସପକ୍ଷରେ ଏକ ନିୟମିତ, ସୁଦୃଢ ତଥା ସ୍ଥାୟୀ ମହତ୍ୱକାଂକ୍ଷୀ ଅଟେ । ସାଂପ୍ରତିକ କାଳରେ ଅତି କଷ୍ଟରେ ମନୁଷ୍ୟମାନଙ୍କର ଏପରି କୌଣସି ନେତା ହୋଇଥିବ ଯିଏ ନିଜର ଅନୁଗାମୀମାନଙ୍କ ନିମନ୍ତେ ଏତେ ଆବେଗପୂର୍ଣ୍ଣ ତଥା ଉତ୍ସାହ ଜନିତ ବଳିଦାନର ଅଧିକାରୀ ସାବ୍ୟସ୍ତ ହୋଇଥିବ । ପୁନଶ୍ଚ ଆପଣଙ୍କ ଅନୁଗାମୀମାନଙ୍କ ପକ୍ଷରୁ ଉତ୍ସାହ ଜନିତ ପ୍ରେମ ଏବଂ ବଳିଦାନର ପରିପ୍ରକାଶ କେବଳ ଅପଣ ର.ଅଙ୍କ ଜୀବନ ପର୍ଯ୍ୟନ୍ତ ସୀମତ ନଥିଲା ବରଂ ଆପଣ ର.ଅଙ୍କ ବିୟୋଗ ପରେ ମଧ୍ୟ ଏହାର ପରିପ୍ରକାଶ ଏତେ ବ୍ୟାପକତାର ସହିତ ହେଲା ଯେ, ଦେଶରେ ସମସ୍ତ ପ୍ରାନ୍ତରୁ 60,000 ହଜାର ଲୋକମାନେ ନିଜର ପ୍ରିୟ ଇମାମ୍‌କୁ ବିଦାୟ ତଥା ଶେଷ ଦର୍ଶନ ଏବଂ ଶ୍ରଦ୍ଧାଞ୍ଜଳୀ ଉପସ୍ଥାପିତ କରିବା ନିମନ୍ତେ ପାଗଳପ୍ରାୟ ହୋଇ ଦଉଡ଼ି ଆସିଥିଲେ । ଜମାଅତ୍ ଅହମଦିୟାର ଇତିହାସରେ ମିର୍ଜା ସାହେବଙ୍କ ନାମ ଜଣେ ମହାନ୍ ଜାତି ନିର୍ମାଣକର୍ତ୍ତା ରୂପେ ଉଜ୍ଜୀବୀତ ହୋଇ ରହିବ । ସେ (ଅପଣ ର.ଅ) ଅତ୍ୟନ୍ତ ଘଡ଼ିସନ୍ଧି ମୁହୂର୍ତ୍ତରେ ଏବଂ ପ୍ରତିକୂଳ ପରିସ୍ଥିତିରେ ଏକ ସଂହତିପୂର୍ଣ୍ଣ ଏବଂ ଏକତାପୂର୍ଣ୍ଣ ସୁଦୃଢ ଜମାଅତ୍ ସ୍ଥାପନ କରି ଦେଖାଇଦେଲେ । ଜମାଅତ୍‌କୁ ଏପରି ସୁଦୃଢ ରୂପେ ଗଢି ତୋଳିଲେ ଯେ, ଏହାକୁ ସହଜରେ ଏଡ଼ାଇ ଦିଆଯାଇ ପାରିବ ନାହିଁ ।"

**(ତାରିଖେ ଅହେମଦିୟତ୍, ଭାଗ-23, ପୃ-182)**

ମତାନୈକ୍ୟ ସତ୍ତ୍ୱେ ଅଣଅହେମଦି ଖବରକାଗଜ ମଧ୍ୟ ଏଭଳି ଢଙ୍ଗରେ ନିଜର ମତର ପରିପ୍ରକାଶ କରି ରହିପାରିଲା ନାହିଁ ଯେ, ଆପଣ ର.ଅ ଜଣେ ମହାନ ନେତା ଥିଲେ । ସେ ଯାହା ହେଉ ନା କାହିଁକି ଏହା ମଧ୍ୟ ସେମାନଙ୍କ ମୁକ୍ତ ହୃଦୟର ପରିପ୍ରକାଶ ଅଟେ । ଆପଣ ର.ଅଙ୍କ ସଂକ୍ରାନ୍ତରେ ଏହିପରି ଅସଂଖ୍ୟ ଆଲୋଚନା ଏବଂ ବର୍ଣ୍ଣନା ରହିଛି । ଏତଦ୍‌ଭିନ୍ନ ଆପଣ ର.ଅ ବିଭିନ୍ନ ବିଷୟ ବସ୍ତୁକୁ ଆୟୁଦ୍ଧ କରି ଜମାଅତ୍‌କୁ, ସାମଗ୍ରିକ ରୂପେ ମୁସଲମାନମାନଙ୍କୁ ମଧ୍ୟ ଉପଦେଶ ଦେଇଛନ୍ତି ଏବଂ ମାର୍ଗଦର୍ଶନ କରିଛନ୍ତି । ଏପରି ଅନେକ ପୁସ୍ତକ ତଥା ବିଷୟବସ୍ତୁ ରହିଛି ଯାହାକି ପୃଥୁଳାକାୟ ପୁସ୍ତକ ସମ୍ବଳିତ ଅଟନ୍ତି । ତନ୍ମଧ୍ୟରୁ କେତେକ ପ୍ରକାଶିତ ହୋଇସାରିଛି ତ' ଆଉ କେତେକ ପୁସ୍ତକ ପ୍ରକାଶିତ ହେବାକୁ ଅଛି । ଭାଷଣର ଗ୍ରନ୍ଥଖଣ୍ଡ ପ୍ରାୟ 35 କିମ୍ବା 36ଟି ହେବ । ଖୁତ୍‌ବାତ୍‌ର 26, 27 କିମ୍ବା 28ଟି ଗ୍ରନ୍ଥଖଣ୍ଡ ହୋଇଯାଇଛି। ତେବେ ସେ ଯାହା ହେଉ ଆପଣ ର.ଅ ଅନେକ ଉପଦେଶ ପ୍ରଦାନ କରିଛନ୍ତି। ସବୁଠୁ ବଡ଼ କଥା ଏହିକି ଯେ, ଆପଣ ର.ଅ କୌଣସି ବିଦ୍ୟାଳୟ, କୌଣସି ମାଦ୍ରାସା, କୌଣସି ମହାବିଦ୍ୟାଳୟ, କୌଣସି ବିଶ୍ୱବିଦ୍ୟାଳୟରେ ନପାଠ ପଢିବା ସତ୍ତ୍ୱେ ଅଲ୍ଲାଃତାଲା ଆପଣ ର.ଅଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଜ୍ଞାନ ପ୍ରଦାନ କରିଥିଲେ ତାହାର ଦୃଷ୍ଟାନ୍ତ ଆଜି ପର୍ଯ୍ୟନ୍ତ ମିଳୁ ନାହିଁ । ତତ୍‌ସମ୍ବନ୍ଧରେ ଅଣଅହେମଦିମାନେ ମଧ୍ୟ ଅସଂଖ୍ୟ ଆଲୋଚନା ପର୍ଯ୍ୟାଲୋଚନ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି ସବୁ ଆଲୋଚନା, ସମାଲୋଚନା ଏବଂ ପର୍ଯ୍ୟାଲୋଚନା ସଂକ୍ରାନ୍ତରେ ମୁଁ ବିଗତ ବର୍ଷରେ ବର୍ଣ୍ଣନା କରିସାରିଛି ଏବଂ ବର୍ତ୍ତମାନ ଯେଉଁ ପୁରୁଣା ରେକର୍ଡ଼ ରହିଛି ତନ୍ମଧ୍ୟରୁ ଅପ୍ରକାଶିତ କିମ୍ବା ଖୁତ୍‌ବାତ୍, ତକ୍‌ରିର୍ ମଧ୍ୟରୁ ପବିତ୍ର କୁରଆନ୍ କରୀମ୍ ସଂକ୍ରାନ୍ତରେ ଯେଉଁ ତଫସିର୍ (ବ୍ୟାଖ୍ୟା) ଉଦ୍ଧାର ହେଉଅଛି ତାହା ବର୍ତ୍ତମାନ ପ୍ରକାଶିତ ଏବଂ ମୁଦ୍ରିତ ହୋଇ ନାହିଁ । ତଫ୍‌ସିର୍ କବିର୍‌ରେ ତାହା ଆସି ନାହିଁ । ତଫସିର୍ କବିର୍‌ର ଯେଉଁ 10ଟି ଗ୍ରନ୍ଥଖଣ୍ଡ ରହିଛି ତା' ଠାରୁ ପ୍ରାୟ ଦୁଇ ଗୁଣା ଅଧିକ ଅଟନ୍ତି । ସେଗୁଡ଼ିକର ମଧ୍ୟ **ଇନ୍‌ଶାଅଲ୍ଲାଃ** (ଅଲ୍ଲାଃତାଲା ଯଦି ଚାହାଁନ୍ତି) ଖୁବ୍‌ଶୀଘ୍ର ପ୍ରକାଶିତ ହୋଇଯିବ । ଏସବୁ ଅଲ୍ଲାଃତାଲା ଆପଣ ର.ଅଙ୍କୁ ପ୍ରଦାନ କରିଥିଲେ ଏବଂ ଅଲ୍ଲାଃତାଲା ସେହି ଭବିଷ୍ୟବାଣୀକୁ ସଂପୂର୍ଣ୍ଣ କଲେ ଏବଂ ପେଶ୍‌ଗୋଇ ମୁସଲେହ୍ ମଉଦ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ମହାନ ଏବଂ ବଳିଷ୍ଠ ଭବିଷ୍ୟବାଣୀ ମଧ୍ୟରୁ ଅନ୍ୟତମ ଭବିଷ୍ୟବାଣୀ ଅଟେ ଓ ଏହା ଆମମାନଙ୍କର ବିଶ୍ୱାସକୁ ଅଭିବୃଦ୍ଧି କରିବାର ମାଧ୍ୟମ ଅଟେ ।

ଇଂରାଜୀ ଭାଷାରେ ଅନେକ ପୁସ୍ତକର ପ୍ରକାଶନ ହୋଇସାରିଛି । ଯେଉଁମାନଙ୍କୁ ଉର୍ଦ୍ଦୁ ଭାଷା ଆସୁ ନାହିଁ ସେମାନଙ୍କୁ ଏହି ଜ୍ଞାନଭିତ୍ତିକ ନିଧିରୁ ଉପକୃତ ହେବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଏ ସଂପର୍କରେ ମୁଁ ପୂର୍ବେ ମଧ୍ୟ କହି ଆସିଛି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସେହି ଜ୍ଞାନଭିତ୍ତିକ ନିଧିରୁ ଉପକୃତ ତଥା ଲାଭାନ୍ୱିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

ଆଜିକାଲି ପାକିସ୍ତାନରେ ପୁନଃ ଜମାଅତ୍ ବିରୁଦ୍ଧରେ ବିରୋଧର ଏକ ନୂତନ ଢେଉ ତଥା ସ୍ୱର ଆରମ୍ଭ ହୋଇଛି । ରାଜନୈତିକ ନେତୃବୃନ୍ଦ ଏବଂ ମୌଲବୀମାନେ ଯେଉଁମାନେ ସାଧାରଣ ନିର୍ବାଚନରେ ପରାଜିତ ହୋଇଯାଇଛନ୍ତି କିମ୍ବା ଆଶାନୁରୂପ ଫଳାଫଳ ପ୍ରାପ୍ତ ନହେବାରୁ ସେମାନଙ୍କର ଏକ ବିପୁଳ ସଂଖ୍ୟକ ଲୋକମାନେ ଦ୍ୱେଷାଭାବ ରଖି ଉପଦ୍ରବ ସୃଷ୍ଟି କରିବା ନିମନ୍ତେ ଅହେମଦିମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ସେମାନଙ୍କର ସବୁବେଳେ ଏହି ପନ୍ଥା ରହିଆସିଛି ଯେ, ଯେତେବେଳେ ସେମାନେ ସ୍ୱୟଂ ଅକୃତକାର୍ଯ୍ୟ ହୋଇଯଆନ୍ତି ସେତେବେଳେ ସେମାନେ ଶସ୍ତା ପ୍ରସିଦ୍ଧି ଅର୍ଜନ କରିବା ନିମନ୍ତେ ପୁନଃ ଅହେମଦିମାନଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରିବାକୁ ମୁସଲମାନ ଲୋକଙ୍କୁ କୁହନ୍ତି । ଏହି ଲୋକମାନେ ଆଜିକାଲି ଏହି ଉଦ୍ୟମ କରୁଛନ୍ତି । ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ସକାଶେ ଏମାନେ ଯାହା କରିପାରିବେ ତାହା ଏମାନେ କରୁଛନ୍ତି ଏବଂ କରିବେ ମଧ୍ୟ । ତେଣୁ ଅହେମଦିମାନଙ୍କୁ ଯେଉଁଠି ସତର୍କ ହୋଇଯିବା ଉଚିତ୍ ସେଠାରେ ଦୁଆ ଏବଂ ଦାନଦକ୍ଷିଣା ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦେବା ଉଚିତ୍ । ଅଲ୍ଲାଃତାଲା ସେହି ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ୟମନ୍‌ର ଅହମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲା ସେମାନଙ୍କ ପାଇଁ ସହଜତା ସୃଷ୍ଟି କରନ୍ତୁ । ସେମାନଙ୍କ ମଧ୍ୟରୁ ଅନେକ ଅହେମଦି ଅହେମଦିୟତ୍ ଯୋଗୁଁ କାରାବରଣ ଦଣ୍ଡ ଭୋଗୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଯଥାଶୀଘ୍ର ମୁକ୍ତ କରି ଦିଅନ୍ତୁ । ଆମିନ୍ । ପାଲେଷ୍ଟାଇନ୍ ବାସୀଙ୍କ ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କ ଉପରେ ମଧ୍ୟ ଦୟାବତୀର୍ଣ୍ଣ କରନ୍ତୁ ଏବଂ ବୃହତ ଶକ୍ତିର ଅତ୍ୟାଚାରରୁ ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଘାନାରେ କାଲିଠାରୁ ଜଲ୍‌ସା ଆରମ୍ଭ ହୋଇଛି । ଶନିବାର ଦିନ ଜଲ୍‌ସାର ଶେଷ ଦିନ ଅଟେ । ଜଲ୍‌ସାର ସଫଳ ଆୟୋଜନ ହେବା ନିମନ୍ତେ ପ୍ରାର୍ଥନା କରନ୍ତୁ। ସେହି ଜମାଅତ୍‌ର ସ୍ଥାପନକୁ ଏକଶତ ବର୍ଷ ପୂରିଯାଇଛି । ଇତ୍ୟବସରରେ କାଲି ଏଠାରୁ ଅର୍ଥାତ ଲଣ୍ଡନ ଠାରୁ ଜଲ୍‌ସାରେ ମୁଁ ଉଦ୍‌ବୋଧନ ମଧ୍ୟ ଦେବି । ଏହାର ସିଧା ପ୍ରସାରାଣ କରାଯିବ । ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ଜଲ୍‌ସାକୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ କରନ୍ତୁ । ଆମିନ୍ ।

☆ ☆ ☆

## ପୃ-2ର ଅବଶିଷ୍ଟାଂଶ.......

ଆମ ମଧ୍ୟରେ ପାପ କର୍ମ କରିବା ପ୍ରତି ପ୍ରବର୍ତ୍ତାଇଥାଏ । ସଇତାନ୍ ହେଉଛି ରୋଗ ଓ ପାପର ପ୍ରତିନିଧି । ହଁ ସେହି ସଇତାନ୍ ଅଧୀନ କେତେକ ଛାୟୀ (ପ୍ରତିବିମ୍ବ ବା ସାଥି/ଶିଷ୍ୟ) ଅଛନ୍ତି ଯେଉଁମାନେ ମନୁଷ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଓ ଜିନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଏହିପରି ଦୁରାତ୍ମା ଯେଉଁମାନଙ୍କର ଜନ୍ମର ଅଭିପ୍ରାୟ ପାପ ନୁହେଁ । କିନ୍ତୁ ସେମାନେ ପାପକୁ ପସନ୍ଦ କରନ୍ତି ଯାହା ପାପ କାର୍ଯ୍ୟ କରିବାକୁ ବ୍ୟକ୍ତିକୁ ପ୍ରବର୍ତ୍ତାଇଥାଏ କିମ୍ବା ଏପରି ବ୍ୟକ୍ତିମାନେ ଯେଉଁମାନେ ପାପ କର୍ମ କରିବା ନିମନ୍ତେ ଜନ୍ମଗ୍ରହଣ କରି ନାହାନ୍ତି କିନ୍ତୁ ସେମାନେ ପାପକୁ ପସନ୍ଦ କରି ପାପ କାର୍ଯ୍ୟ କରିବା ପ୍ରତି ଆନ୍ଦୋଳିତ ହୋଇଯାଆନ୍ତି । ଏହି ଲୋକମାନେ ମଧ୍ୟ ନିଜ ନିଜର ସ୍ତର ଅନୁଯାୟୀ ସଇତାନ୍ ଏବଂ ଇବ୍‌ଲିସ୍ ଅଟନ୍ତି ଓ ଶାସ୍ତି ପାଇବାର ଯୋଗ୍ୟ ରୂପେ ବିବେଚିତ ହୁଅନ୍ତି । **(ତଫ୍‌ସିର୍ କବିର୍, ଭାଗ-6, ପୃ-10-15, ପ୍ରକାଶନ ବର୍ଷ-2010 ମସିହା, ସ୍ଥାନ-କାଦିଆନ୍)**

☆ ☆ ☆

## ସତ୍ୟ କହିବା

ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ସତ୍ୟ କହିଥାଏ ଏବଂ ସଚ୍ଚୋଟ ବ୍ୟକ୍ତି ହୋଇଥାଏ । ଅପରପକ୍ଷେ ଏକ ଅଧାର୍ମିକ ବା ଧର୍ମଭ୍ରଷ୍ଟ ଏବଂ ନାସ୍ତିକବାଦୀ ବ୍ୟକ୍ତି ସତ୍ୟ ଓ ଅସତ୍ୟକୁ ଭୃକ୍ଷେପ କରେ ନାହିଁ । ଅଲ୍ଲାଃତାଲାଙ୍କ ବିଶ୍ୱାସକାରୀ ଭକ୍ତ ମଧ୍ୟ ଭୟ ଏବଂ ବିପତ୍ତି ସମୟରେ ସତ୍ୟର ହସ୍ତକୁ କେବେ ପରିତ୍ୟାଗ କରି ନଥାଏ। କାରଣ ଏହାକୁ ଆଖି ଆଗରେ ରଖି ଅଲ୍ଲାଃତାଲ ପବିତ୍ର କୁରଆନ୍ କରୀମରେ କୁହନ୍ତି: كُوْنُوْا مَعَ الصّٰدِقِيْنَ (ଅତ୍ ତୌବା: 119) ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଅଲ୍ଲାଃତାଲାଙ୍କୁ ଭୟ କର ଓ ସତ୍ୟବାଦୀଙ୍କ ସହିତ ସାମିଲ ହୁଅ । ତେଣୁ ତୁମେମାନେ କଦାପି ସତ୍ୟବାଦୀଙ୍କ ଗୋଷ୍ଠୀରୁ ବାହାରିଯିବାକୁ ଚେଷ୍ଟା କରିବ ନାହିଁ ।

ତତ୍‌ସମ୍ବନ୍ଧରେ ହ. ଶେଖ୍ ଅବ୍‌ଦୁଲ୍ କାଦିର୍ ଜିଲାନୀ ସାହେବ ର.ଅଙ୍କ ଏକ ଘଟଣା ଇତିହାସରେ ବର୍ଣ୍ଣିତ ହୋଇଛି । ଅର୍ଥାତ୍ ସେ (ଅବ୍‌ଦୁଲ୍ କାଦିର୍ ଜିଲାନୀ ର.ଅ) ଯେତେବେଳେ ଜ୍ଞାନ ଆହରଣ ସକାଶେ ନିଜ ଘରୁ ବାହାରିଲେ ସେତେବେଳେ ତାଙ୍କର ମାତାଶ୍ରୀ ତାଙ୍କୁ 80ଗୋଟି ରୌପ୍ୟ ମୁଦ୍ରାକୁ କୋଟ୍‌ରେ ରଖି ସିଲେଇ କରିଦେଲେ ଏବଂ ମାତାଶ୍ରୀ ନିଜର ସୁପୁତ୍ରଙ୍କୁ ଉପଦେଶ ଦେଇ କହିଲେ, ପୁତ୍ର ! ତୁମେ ମିଛ କେବେ କହିବ ନାହିଁ । ଶେଖ ଅବ୍‌ଦୁଲ୍ କାଦିର୍ ସାହେବ ର.ଅ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 28-04 APRIL 2024 Issue No.-13-14

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଘରୁ ବାହାରିଲେ ଏବଂ ଏକ ଜଙ୍ଗଲ୍ ଦେଇ ଅତିକ୍ରମ କରୁଥିଲେ କି ଚୋର ଏବଂ ଡ଼କାୟତମାନେ ତାଙ୍କୁ ଧରି ପକାଇଲେ । ସେମାନେ ତାଙ୍କୁ ପଚାରିଲେ, ଏ ପିଲା ! ତୋ ପାଖରେ କେତେ ଧନ (ପଇସା) ରହିଛି ? ଶେଖ୍ ଅବ୍ଦୁଲ୍ କାଦିର ସାହେବ ଉତ୍ତର ଦେଲେ, ମୋ ନିକଟରେ ୫0ଗୋଟି ରୌପ୍ୟ ମୁଦ୍ରା ରହିଛି ଯାହାକୁ ମୋର ମାତାଶ୍ରୀ ପକେଟରେ ରଖି ସିଲେଇ କରିଦେଇଥିଲେ ଏବଂ ମାତା ମୋତେ ଏହି ଉପଦେଶ ଦେଇଥିଲେ ଯେ, ପୁତ୍ର! ତୁମେ କେବେ ମିଛ କହିବ ନାହିଁ ଅନ୍ୟଥା ଅଲ୍ଲାଃତାଲା ରୁଷ୍ଟ ହୋଇଯିବେ । ଯେତେବେଳେ ପକେଟ ଚିରି ଦିଆଗଲା ସେତେବେଳେ ପ୍ରକୃତରେ ୫0 ଗୋଟି ରୋପ୍ୟ ମୁଦ୍ରା ବାହାରିଲା। ଚୋରର ଅଧିପତି କହିଲା, ଆମମାନଙ୍କୁ ମଧ୍ୟ ଆମର ଅଭିଭାବକମାନେ, ଗୁରୁଜନମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ସତ୍ୟ କହିବା ନିମନ୍ତେ ଉପଦେଶ ଦେଇଥିଲେ । କିନ୍ତୁ ଆମେମାନେ ସେମାନଙ୍କ ଏବଂ ଅଲ୍ଲାଃତାଲାଙ୍କ ଆଦେଶ ଉପରେ କାର୍ଯ୍ୟାନୁସରଣ କଲୁ ନାହିଁ। ଫଳତଃ ଆମେମାନେ ବଣ ଜଙ୍ଗଲରେ ବୁଲୁଛୁ । ଚୋରମାନଙ୍କର ଅଧିପତି ସେହିକ୍ଷଣି ତୌବା (କ୍ଷମାମାର୍ଜନା) କଲା ଏବଂ ଏହି ଶପଥ ନେଲା ଯେ, ସେ କେବେ ବି ମିଛ କହିବ ନାହିଁ ଏବଂ ସର୍ବଦା ସତ୍ୟ ଉପରେ ପ୍ରତିଷ୍ଠିତ ଓ ଅଟଳ ରହିବ । କୁହାଯାଏ ଯେ, ସେହି ଚୋର ହିଁ ଅବ୍ଦୁଲ୍ କାଦିର୍ ସାହେବଙ୍କ ପ୍ରଥମ ଅନୁଗାମୀ ତଥା ପ୍ରଥମ ଶିଷ୍ୟ ଥିଲା ।

ଉକ୍ତ ଘଟଣାରୁ ପ୍ରମାଣିତ ହେଲା ଯେ, ଯେତେବେଳେ ଜଣେ ମାର୍ଗଭ୍ରଷ୍ଟ ଦୋଷୀକୁ ଏହି ବିଶ୍ୱାସ ହୋଇଯାଏ ଯେ, ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଅଛି ଏବଂ ତାହାଙ୍କ ଆଜ୍ଞା ତଥା ଆଦେଶ ଅବମାନନା କରିବା ଦ୍ୱାରା ପ୍ରଭୁଙ୍କ ପ୍ରକୋପ ଏବଂ କ୍ରୋଧର କାରଣ ହୋଇଥାଏ । ତେବେ ସେହି ବ୍ୟକ୍ତି ସତ୍ୟତା, ସତ୍ୟବାଦୀତାର ମାର୍ଗ ଅବଲମ୍ବନ କରିନେଇଥାଏ ଏବଂ ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ହୋଇ ନଥାଏ । ସେ ମିଥ୍ୟା, ପ୍ରବଞ୍ଚକତା, ପ୍ରତାରଣା, ଉତ୍କୋଚ ଏବଂ ପାପର ପଙ୍କରୁ ବାହାରି ପାରିବ ନାହିଁ ।

ସେହିପରି ଏକ ବିଶ୍ୱାସବର୍ଦ୍ଧକ ଘଟଣା ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀରେ ମଧ୍ୟ ଦେଖିବାକୁ ମିଳିଥାଏ । ହ. ମସିହ୍ ମୁସ୍‌ଲେହ୍ ମଉଦ୍ ର.ଅ ନିଜର ପୁସ୍ତକ "**ଅହେମଦିୟତ୍ ଅର୍ଥାତ୍ ପ୍ରକୃତ ଇସଲାମ୍**"ରେ କୁହନ୍ତି: "ଏକଦା ହ. ମସିହ୍ ମଉଦ୍ ଅ.ସ ଉପରେ ଏକ ମକଦ୍ଦମା ଡାକ ବିଭାଗ ପକ୍ଷରୁ ଦାଏର୍ କରାଗଲା। ଯହିଁରେ ଜୋରିମାନା ଏବଂ କାରାବରଣ ଦଣ୍ଡ ମିଳିପାରି ଥାଆନ୍ତା । ଡାକ ବିଭାଗର ନିୟମ ବିରୁଦ୍ଧାଚରଣ କଲେ ସେହି କାଳରେ ବହୁଳ ଭାବରେ କଠୋର ଦଣ୍ଡ ବିଧାନ ରହିଥିଲା ଏବଂ ଲୋକମାନଙ୍କୁ ଦଣ୍ଡ ମଧ୍ୟ ମିଳୁଥିଲା । ତେଣୁ ଡାକ ବିଭାଗ ଚାହୁଁଥିଲା ଯେ, ଗୋଟିଏ ଦୁଇଟି ବ୍ୟକ୍ତିଙ୍କୁ କଠୋର ଶାସ୍ତି ମିଳୁ । ଯଦ୍ଦ୍ୱାରାକି ଭବିଷ୍ୟତରେ ଲୋକମାନେ ସତର୍କତା ଅବଲମ୍ବନ କରିବେ । ସୁତରାଂ ଡାକ ବିଭାଗର ଜଣେ ଇଂରେଜ ଅଫିସର ସ୍ୱୟଂ ମକଦ୍ଦମା ନିମନ୍ତେ ଆସିଥିଲା ଏବଂ ସଂପୂର୍ଣ୍ଣ ଜୋର ଦେଉଥିଲା କି ଆପଣ ଅ.ସଙ୍କୁ ଦଣ୍ଡ ମିଳିଯାଉ । ଉକ୍ତ ମକଦ୍ଦମାର କାରଣ କେବଳ ସେହି ବ୍ୟକ୍ତିର ସାକ୍ଷ୍ୟ ଥିଲା ଯାହାକୁ ଆପଣ ଅ.ସ ପତ୍ର ପ୍ରେରଣ କରିଥିଲେ ଏବଂ ସେ ପକଟେଟି ଖୋଲିଥିଲା । ତେଣୁ ସେ ଯଦି ଏହି ସାକ୍ଷ୍ୟ ଦେଇ ଦିଏ ତେବେ ଆପଣ ଅ.ସଙ୍କୁ ଶାସ୍ତି ମିଳିବ । ତେଣୁ ଉକ୍ତ ପକେଟରେ ଏକ ପତ୍ର ଥିଲା ତେଣୁ ପକେଟ୍ ମଧ୍ୟରେ ପତ୍ର ପ୍ରେରଣ କରିବା ଡାକ ବିଭାଗର ନିୟମାନୁଯାୟୀ ଦୋଷ ଥିଲା । ଓକିଲମାନେ କହିଲେ, ହୁଜୁର ! ବର୍ତ୍ତିବାର କେବଳ ଗୋଟିଏ ସୁଯୋଗ ଏବଂ ସମ୍ଭାବନା ରହିଛି ଏବଂ ତାହା ଏହିକି ଯେ, ଆପଣ କୁହନ୍ତୁ କି ମୁଁ ପତ୍ର ଅଲଗା ପ୍ରେରଣ କରିଥିଲି । ସେହି ବ୍ୟକ୍ତି ଯାହାର ନାମ ପକେଟ ଉପରେ ଲେଖା ହୋଇଥିଲା ସେ ଜଣେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲା ଏବଂ ସେ ଆପଣ ଅ.ସଙ୍କ ସହିତ ବିତର୍କ କରିସାରି ଥିଲା ଏବଂ ଗୋଟିଏ ଦୃଷ୍ଟିରୁ ସେ ଆପଣ ଅ.ସଙ୍କ ପ୍ରତି ଶତ୍ରୁତା ଆଚରଣ ରଖୁଥିଲା। ଆପଣ ଅ.ସଙ୍କର ଏହି ମିଥ୍ୟା ନିଃସନ୍ଦେହ ରୂପେ ସ୍ୱୀକାରଯୋଗ୍ୟ ଥିଲା। କିନ୍ତୁ ଆପଣ ଅ.ସ ସ୍ୱଷ୍ଟ ଭାବରେ ପ୍ରତ୍ୟାଖ୍ୟାନ ତଥା ଅସ୍ୱୀକାର କରିଦେଲେ ଏବଂ କହିଲେ ଯେ, ମୁଁ ମିଥ୍ୟା କିପରି କହିପାରିବି ? ମୁଁ ପ୍ରକୃତରେ ଉକ୍ତ ପତ୍ର ପ୍ରେରଣ କରିଛି । ମୁଁ ଏହା ଭାବି ପକେଟ ମଧ୍ୟରେ ପତ୍ର ପୂରାଇ ଦେଇଥିଲି ଯେ, ସେହି ପତ୍ର ମଧ୍ୟ ପକେଟ୍ ସଂପର୍କିତ ବିଷୟବସ୍ତୁ ଅଟେ। ଉକ୍ତ କଥାର ମାଜିଷ୍ଟ୍ରେଟ୍ ଉପରେ ଏତେ ପ୍ରଭାବ ପଡ଼ିଲା ଯେ, ଡାକ ବିଭାଗର ଅଫିସରମାନଙ୍କର ଶତଚେଷ୍ଟା ଏବଂ ଅନୁରୋଧ ସତ୍ତ୍ୱେ ଜଜ୍ (ବିଚାରକ) ଆପଣ ଅ.ସଙ୍କୁ ନିର୍ଦ୍ଦୋଷ ଖଲାସ୍ କରିଦେଲା ଏବଂ କହିଲା ଯେ, ଯେଉଁ ବ୍ୟକ୍ତି ବନ୍ଦୀ ହେବାର ଭୟରେ ପାଟିରୁ ପଦୁଟିଏ କଥା କହିବା ଦ୍ୱାରା ନିଜକୁ ସୁରକ୍ଷିତ କରି ରଖିପାରି ଥାଆନ୍ତା କିନ୍ତୁ ସେହି ବ୍ୟକ୍ତି (ହ. ମସିହ୍ ମଉଦ୍ ଅ.ସ) ଯିଏ ଏଥିପ୍ରତି (ଶାସ୍ତି ପ୍ରତି) ଆଦୌ ଭୃକ୍ଷେପ କଲା ନାହିଁ ଏବଂ ମିଥ୍ୟା କହିଲା ନାହିଁ, ମୁଁ ସେହି ବ୍ୟକ୍ତି (ହ. ମସିହ୍ ମଉଦ୍ ଅ.ସ)କୁ ଦଣ୍ଡ ଦେଇ ପାରିବି ନାହିଁ ।"

**(ଅହେମଦିୟତ୍ ହକିକି ଇସ୍‌ଲାମ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-206)**

ଉକ୍ତ ଘଟଣାରୁ ସ୍ୱଷ୍ଟ ହୁଏ ଯେ, ହ. ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କ ଉପରେ ଥିବା ପୂର୍ଣ୍ଣ ବିଶ୍ୱାସର କଲ୍ୟାଣ ଯୋଗୁଁ ମିଥ୍ୟା କଥନ ଏବଂ ଭ୍ରାନ୍ତ କଥନରୁ ବର୍ତ୍ତିବାକୁ ଚେଷ୍ଟା କରୁଥିଲେ । ଅପର ପକ୍ଷେ ଆଇନ ବିଶାରଦ (ଓକିଲ) ମିଥ୍ୟା କଥା କହିବାକୁ ପରାମର୍ଶ ଦେଉଥିଲେ । କିନ୍ତୁ ଆପଣ ଅ.ସ ପ୍ରତ୍ୟେକ ପରିସ୍ଥିତିରେ ଈଶ୍ୱର ଏବଂ ଦେଶୀୟ କାନୁନ୍‌କୁ ସମ୍ମାନ ଜଣାଇବା ଏବଂ ତଦନୁଯାୟୀ କାର୍ଯ୍ୟାନୁସରଣ କରିବା ଉପରେ ଜୋର ଦେଉଥିଲେ । ସୁତରାଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ଲାଭ ମିଳିଥାଏ । କାରଣ ମନୁଷ୍ୟ ନିଜ ଦେଶର ଆଇନ କାନୁନ୍‌କୁ ସମ୍ମାନ ଜଣାଇ ନିୟମାନୁବର୍ତ୍ତୀ ହୋଇଥାଏ । ଆଇନର ବିରୁଦ୍ଧାଚରଣ କରିବାରୁ ଏଇଥିପାଇଁ ବର୍ତ୍ତିବାକୁ ଚେଷ୍ଟା କରେ ଯେ, ଦେଶର ରାଷ୍ଟ୍ରପତି ଏପରି କରିବାକୁ ଆଦେଶ ଦେଇଛନ୍ତି ।

ଏହା ମଧ୍ୟ ଏକ ବାସ୍ତବତା ଯେ, ନିଜକୁ ମୁସଲମାନ ବୋଲାଉଥିବା ଏବଂ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସର ଦମ୍ଭୋକ୍ତି ପ୍ରକାଶକାରୀଙ୍କ ଏକ ବିପୁଳ ସଂଖ୍ୟକ ଗୋଷ୍ଠୀ ନାନା ପ୍ରକାରର ପାପ ଏବଂ ଦୋଷ କରୁଥିବାର ଦୃଶ୍ୟମାନ ହୁଅନ୍ତି । ସେମାନେ ବିଧର୍ମୀ ନାସ୍ତିକବାଦୀମାନଙ୍କୁ ଆପତ୍ତି କରିବାର ଅବସର ଦେଇଥାଆନ୍ତି । ଅତଏବ୍ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିବା ପାପରୁ ବର୍ତ୍ତିବା କାରଣ ଅଟେ । ତେବେ ଏହି ମୁସଲମାନମାନେ ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣୁଥିବାର ଦାବି କରନ୍ତି ସେମାନେ ସେହି ପାପ କର୍ମରେ କାହିଁକି ଲିପ୍ତ ଅଟନ୍ତି ?

ଉକ୍ତ ପ୍ରଶ୍ନର ଉତ୍ତର ସୈୟେଦିନା ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ପ୍ରଦାନ କରିଛନ୍ତି । ଆପଣ ଅ.ସ କୁହନ୍ତି: "ସଂସାରରେ ଦୁଇ ପ୍ରକାରର ଲୋକମାନେ ଅଛନ୍ତି । 1- ଯେଉଁମାନେ ଈଶ୍ୱରଙ୍କୁ ସ୍ୱୀକାର କରନ୍ତି, 2- ଯେଉଁମାନେ ଈଶ୍ୱରଙ୍କୁ ସ୍ୱୀକାର କରନ୍ତି ନାହିଁ ସେମାନେ ନାସ୍ତିକବାଦୀ ବୋଲାନ୍ତି । ଯେଉଁମାନେ ଈଶ୍ୱରଙ୍କୁ ସ୍ୱୀକାର କରନ୍ତି ସେମାନଙ୍କ ମଧ୍ୟରେ ନାସ୍ତିକବାଦୀର ଏକ ପକ୍ଷ ନିହିତ ରହିଛି । କାରଣ ସେମାନେ ଯଦି ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ଥାଆନ୍ତେ ତାହାହାଲେ କ'ଣ କାରଣ ରହିଛି ଯେ, ସେମାନେ ନାନା ପାପ କାର୍ଯ୍ୟରେ ଲିପ୍ତ ରହନ୍ତି, ନିର୍ଲଜ୍ଜତାରେ ଉନ୍ନତି କରିଥାଆନ୍ତି । ଉଦାହରଣ ସ୍ୱରୂପ ମନୁଷ୍ୟକୁ ଯଦି ବିଷ ଦିଆଯାଏ ଏବଂ ସେ ଏକଥା ଜାଣେ ଯେ, ଉକ୍ତ ଜିନିଷଟି ପ୍ରାଣନାଶକ ଓ ମାରାତ୍ମକ ବିଷ ଅଟେ । ସେହି ବ୍ୟକ୍ତିକୁ ଯଦି କୌଣସି ମତେ ଲୋଭ ଦେଖାଇ ଟଙ୍କା ପଇସା ବି ଦିଆଯାଏ ତେବେ ମଧ୍ୟ ସେହି ବ୍ୟକ୍ତି ଉକ୍ତ ବସ୍ତୁକୁ କେବେ ବି ଖାଇବ ନାହିଁ । ସେହି ବ୍ୟକ୍ତି ଉକ୍ତ କଥା ଜାଣେ ଏବଂ ତା'ର ବିଶ୍ୱାସ ରହିଛି ଯେ, ମୁଁ ଯଦି ଉକ୍ତ ବିଷକୁ ପାନ କରେ ବା ଗ୍ରହଣ କରେ ତେବେ ମୋର ମୃତ୍ୟୁ ସୁନିଶ୍ଚିତ । ତେବେ କେଉଁ କାରଣ ରହିଛି ଏହି ଲୋକମାନେ ଜାଣିବା ସତ୍ତ୍ୱେ ଯେ, ପାପ କାର୍ଯ୍ୟ କରିବା ଦ୍ୱାରା ପ୍ରଭୁ ମୋ ଉପରେ ଅସନ୍ତୁଷ୍ଟ, ରୁଷ୍ଟ ହେବେ ଏବଂ ତଥାପି ସେମାନେ ସେହି ବିଷ ପିଆଲାକୁ ପାନ କରିନେଇ ଥାଆନ୍ତି । ସେମାନେ ମିଥ୍ୟା କୁହନ୍ତି, ବଳାତ୍କାର କରନ୍ତି, ଅନ୍ୟକୁ କଷ୍ଟ ଦେବାକୁ ପ୍ରସ୍ତୁତ ହୋଇଯାଆନ୍ତି । ସେମାନେ ବାର ଅଣା କିମ୍ବା ଟଙ୍କାଟିଏ ପାଇଁ, ସୁନା ଗହଣା ପାଇଁ ନିରୀହ ଛୋଟପିଲାମାନଙ୍କୁ ହତ୍ୟା କରି ଦେଇଥାଆନ୍ତି। ଏହିପରି ଘୃଷ୍ଟତାମୂଳକ ମନୋଭାବ ମନ ଭିତରେ ଉତ୍ପନ୍ନ ହେବା, ସତ୍ୟଜ୍ଞାନ ଏବଂ ସଂପୂର୍ଣ୍ଣ ବିଶ୍ୱାସ ହେବା ପରେ ତ' କଦାପି ସମ୍ଭବପର ନୁହେଁ । ତହିଁରୁ ଏହା ଜ୍ଞାତ ହୁଏ ଯେ, ସେମାନଙ୍କୁ ଏହା ଜଣା ନାହିଁ ଯେ, ଉକ୍ତ ବସ୍ତୁ କିମ୍ବା ଉକ୍ତ କାର୍ଯ୍ୟଟି ପାପମୂଳକ ବିଷ ଅଟେ ଏହା ପ୍ରାଣନାଶକ ବିଷ ଠାରୁ ଅଧିକ ମାରାତ୍ମକ ଅଟେ । ସୁତରାଂ ସେମାନେ ଯଦି ଉକ୍ତ କଥା ଉପରେ ବିଶ୍ୱାସ ରଖିଥାଆନ୍ତେ ଯେ, ଏପରି କରିବା କଠୋର ଶାସ୍ତି ମିଳିଥାଏ ତାହାହେଲେ ସେମାନେ ପାପ କର୍ମ କରିବାକୁ ଅନାସକ୍ତ ଭାବ ପ୍ରକାଶ କରିଥାଆନ୍ତେ ଏବଂ ପାପରୁ ମୁହଁ ମୋଡ଼ି ନିଅନ୍ତେ । କିନ୍ତୁ ପାପର ଜୀବନକାଳ ସାଧାରଣ ହୋଇଯାଇଥାଏ ।

**(ଅବଶିଷ୍ଟାଂଶ... ପରବର୍ତ୍ତୀ ସଂଖ୍ୟାରେ)**

### ନବୀ ସ.ଅଙ୍କ ବାଣୀ:-

"**ଇଜ୍‌ତନିବୁଲ୍ ଗଜିବା**" ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan